# ECHO OF HIS CALL

## ଯୀଶୁ ଖ୍ରୀଷ୍ଟଙ୍କର ଆହ୍ୱାନର ପ୍ରତିଧ୍ୱନି ODIA

ECHO OF HIS CALL 1969-2019 GOLDEN JUBILEE

*India's National Spiritual Newspaper*

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAANS

Editor : S. SAM SELVA RAJ | 16 Languages | Associate Editor : Sis. Surama Samuel

**Vol. XXII** YEAR OF OUR LORD JESUS CHRIST, MARCH 2021 **No. 2**


**ସଦାପ୍ରଭୁଙ୍କର ପ୍ରଶଂସା କରନ୍ତୁ !!**

**ପବିତ୍ର ବାଇବଲ**

**(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)**

**(ଗୀତସଂହିତା ୪୫:୧–୧୦)**

୧ ମୋହର ହୃଦୟ ଉତ୍ତମ ବିଷୟରେ ଉଚ୍ଛୁଳି ଉଠୁଅଛି; ମୁଁ ରାଜାଙ୍କ ବିଷୟରେ ଆପଣା ରଚିତ କଥା କହେ; ମୋ' ଜିହ୍ୱା ଶୀଘ୍ର ଲେଖକର ଲେଖନୀ ସ୍ୱରୂପ ।

୨ ତୁମ୍ଭେ ମନୁଷ୍ୟ–ସନ୍ତାନଗଣ ଅପେକ୍ଷା ଅଧିକ ସୁନ୍ଦର; ତୁମ୍ଭ ଓଷ୍ଠାଧରରେ ଅନୁଗ୍ରହ ଢଳା ଯାଇଅଛି; ଏହେତୁ ପରମେଶ୍ୱର ତୁମ୍ଭକୁ ଅନନ୍ତକାଳ ଆଶୀର୍ବାଦ କରିଅଛନ୍ତି ।

୩ ହେ ବୀର, ତୁମ୍ଭ କଟିଦେଶରେ ଆପଣା ଖଡ଼୍‌ଗ୍, ଆପଣା ମହିମା ଓ ପ୍ରଭାବ ବାନ୍ଧ ।

୪ ପୁଣି, ସତ୍ୟତା ଓ ନମ୍ରତା ଓ ଧର୍ମ ସକାଶେ ଆପଣା ପ୍ରଭାବରେ ରଥାରୋହଣ କରି କୃତାର୍ଥ ହୁଅ; ତହିଁରେ ତୁମ୍ଭର ଦକ୍ଷିଣ ହସ୍ତ ତୁମ୍ଭକୁ ଭୟାନକ କାର୍ଯ୍ୟ ଶିଖାଇବ ।

୫ ତୁମ୍ଭର ତୀରସବୁ ତୀକ୍ଷ୍‌ଣ; ଜନବୃନ୍ଦ ତୁମ୍ଭ ତଳେ ପଡ଼ନ୍ତି; ତାହାସବୁ ରାଜାଙ୍କ ଶତ୍ରୁଗଣର ହୃଦୟରେ ବିଦ୍ଧ ହୁଏ ।

୬ ହେ ପରମେଶ୍ୱର, ତୁମ୍ଭର ସିଂହାସନ ଅନନ୍ତକାଳ–ସ୍ଥାୟୀ; ତୁମ୍ଭର ରାଜଦଣ୍ଡ ନ୍ୟାୟଦଣ୍ଡ ଅଟେ ।

୭ ତୁମ୍ଭେ ଧର୍ମକୁ ପ୍ରେମ ଓ ଦୁଷ୍ଟତାକୁ ଘୃଣା କରିଅଛ; ଏହେତୁ ପରମେଶ୍ୱର, ତୁମ୍ଭର ପରମେଶ୍ୱର, ତୁମ୍ଭର ମିତ୍ରଗଣ ଅପେକ୍ଷା ତୁମ୍ଭକୁ ଅଧିକ ଆନନ୍ଦରୂପ ତୈଳରେ ଅଭିଷିକ୍ତ କରିଅଛନ୍ତି ।

୮ ତୁମ୍ଭର ସକଳ ବସ୍ତ୍ର ଗନ୍ଧରସ ଓ ଅଗୁରୁ ଓ ଦାରୁଚିନିରେ ସୁବାସମୟ; ହସ୍ତୀଦନ୍ତନିର୍ମିତ ଅଟ୍ଟାଳିକାସମୂହରୁ ତାରଯୁକ୍ତ ବାଦ୍ୟଯନ୍ତ୍ରସବୁ ତୁମ୍ଭକୁ ଆନନ୍ଦିତ କରିଅଛି ।

୯ ତୁମ୍ଭର ସମ୍ଭ୍ରାନ୍ତା ସ୍ତ୍ରୀଗଣ ମଧ୍ୟରେ ରାଜକୁମାରୀମାନେ ଅଛନ୍ତି; ଓଫୀରୀୟ ସୁବର୍ଣ୍ଣରେ ଭୂଷିତା ରାଣୀ ତୁମ୍ଭ ଦକ୍ଷିଣ ପାଖରେ ଉଭା ହୁଅନ୍ତି ।

୧୦ ଆଗୋ କନ୍ୟେ, ଶୁଣ, ବିବେଚନା କର ଓ ଆପଣା କର୍ଣ୍ଣ ଡେର; ତୁମ୍ଭ ନିଜ ଲୋକଙ୍କୁ ଓ ପିତୃଗୃହକୁ ପାସୋର ।

# "ଅନୁତାପ କରନ୍ତୁ" – କାରଣ "ସ୍ୱର୍ଗରାଜ୍ୟ" ସନ୍ନିକଟ !

## "Repent" for the Kingdom of "Heaven" is at Hand !

**ଆଜି ଅଧିକାଂଶ ମଣ୍ଡଳୀ, ଯଥା ବାପ୍‌ଟିଷ୍ଟ, ପେଣ୍ଟିକୋଷ୍ଟାଲ କିମ୍ବା ସୁସମାଚାର ପ୍ରଚାରଧର୍ମୀ ମଣ୍ଡଳୀ ମଧ୍ୟରେ "ଅନୁତାପ" ଶବ୍ଦର ଉଲ୍ଲେଖ ଅତି ବିରଳ ଅଟେ ।** ଆଜିକାଲି ପାଳକମାନେ ପାପ ପାଇଁ ଦୁଃଖ ପ୍ରକାଶ କରିବାକୁ, ଶୋକ କରିବାକୁ ଓ ସେମାନଙ୍କ ଦୁଷ୍ଟତା ଦ୍ୱାରା ଖ୍ରୀଷ୍ଟଙ୍କୁ ଆଘାତ ଦେଇଥିବାରୁ ଦୁଃଖିତ ହେବାକୁ ସେମାନଙ୍କ ମଣ୍ଡଳୀର ଲୋକମାନଙ୍କୁ ଆଉ ଆହ୍ୱାନ ଦେଉ ନାହାନ୍ତି ।

ଏହା ପରିବର୍ତ୍ତେ, ଆଜି ଆମେ ମଞ୍ଚ ଉପରୁ ଏହି ବାର୍ତ୍ତା ଶୁଣୁଛୁ, "କେବଳ ବିଶ୍ୱାସ କରନ୍ତୁ, ଖ୍ରୀଷ୍ଟଙ୍କୁ ଗ୍ରହଣ କରନ୍ତୁ, ପୁଣି ଆପଣ ପରିତ୍ରାଣ ପାଇବେ ।" ଏହି ବାର୍ତ୍ତାକୁ ଯଥାର୍ଥଭାବେ ପ୍ରତିପାଦନ କରିବା ପାଇଁ ପ୍ରେରିତ ୧୬:୨୫–୩୦କୁ ବ୍ୟବହାର କରାଯାଇଛି ।

ଏହି ଅନୁଚ୍ଛେଦରେ, ଯେତେବେଳେ ପ୍ରେରିତ ପାଉଲଙ୍କୁ କାରାଗାର ମଧ୍ୟରେ ରଖାଗଲା, ସେତେବେଳେ ହଠାତ୍ ଭୂମିକମ୍ପ ହେଲା ଓ କାରାଗାରର ଦ୍ୱାର ଉନ୍ମୁକ୍ତ ହୋଇଗଲା । କାରାରକ୍ଷକ ସଙ୍ଗେ ସଙ୍ଗେ ଭାବିଲେ ଯେ ସମସ୍ତ ବନ୍ଦୀ ହୁଏତ ପଳାୟନ କରିଥିବେ ଓ ଏଥିପାଇଁ ସେ ନିଶ୍ଚୟ ଦଣ୍ଡିତ ହେବେ । ନୈରାଶ୍ୟରେ, ସେ ନିଜର ଖଡ୍ଗ ବାହାର କରି ନିଜକୁ ବଧ କରିବାକୁ ଉଦ୍ୟତ ହେଲେ । ଏହା ଦେଖି ପାଉଲ ଓ ଶିଲା ତାଙ୍କୁ ଅଟକାଇ, ସେମାନେ ସମସ୍ତେ ଯେ ସେଠାରେ ଅଛନ୍ତି, ବୋଲି କହିଲେ ।

ଏହା ଦେଖି, ସେହି ବ୍ୟକ୍ତି ପ୍ରେରିତମାନଙ୍କ ସମ୍ମୁଖରେ ମୁହଁମାଡ଼ି ପଡ଼ିଗଲେ ଓ କ୍ରନ୍ଦନ କରି କହିଲେ, "...ମହାଶୟମାନେ, ପରିତ୍ରାଣ ପାଇବା ନିମନ୍ତେ ମୋତେ କଅଣ କରିବାକୁ ହେବ ? ସେମାନେ କହିଲେ, ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କର, ତାହା ହେଲେ ତୁମ୍ଭେ ସପରିବାରରେ ପରିତ୍ରାଣ ପାଇବ" (ପ୍ରେରିତ ୧୬:୩୦–୩୧) ।

ଆମେ ଅନୁଚ୍ଛେଦକୁ ପାଠ କରିବା ସମୟରେ, ଏହା ମନେରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ କାରାରକ୍ଷକ ନିଜ ହସ୍ତରେ ଖଡ୍ଗ ଧରି ଆତ୍ମହତ୍ୟା କରିବାକୁ ଉଦ୍ୟତ ଥିଲେ । ସେ ନିଜ ଆଣ୍ଠୁ ଭାଙ୍ଗି ଓ ପ୍ରେରିତମାନଙ୍କ ସମ୍ମୁଖରେ ଥରି ଥରି ଅନୁତାପ କରିବାର ସ୍ଥିତିରେ ଥିଲେ । ସେଥିପାଇଁ ତାଙ୍କର ହୃଦୟ ପ୍ରକୃତରେ ବାସ୍ତବ ବିଶ୍ୱାସର ସହିତ ଯୀଶୁଙ୍କୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଥିଲା ।

ମାର୍କ ସୁସମାଚାରରେ, ଖ୍ରୀଷ୍ଟ ନିଜର ଶିଷ୍ୟମାନଙ୍କୁ କହିଛନ୍ତି : **"ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ**

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

Touching Lives by Teaching .... Since 1969

# ଆହ୍ୱାନର ପ୍ରତିଧ୍ୱନି



### ଆମର ମିଶନ ନୀତି

ଆମେ ଆମ ସମୟର ଲୋକମାନଙ୍କୁ ଆଦ୍ୟକାଳୀନ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ପ୍ରଦାନ କରୁଅଛୁ । ଏହା ଏହି ସମୟର ଆବଶ୍ୟକତା ଅଟେ ।

''ଭୟ କର ନାହିଁ, କାରଣ ଆମ୍ଭେ ତୁମ୍ଭ ସଙ୍ଗରେ ଅଛୁ...''
(ଯିଶାଇୟ ୪୩:୫) ।



## ସଂପାଦକୀୟ...

**CHIEF EDITORS**
Pastor S. Sam Selva Raj
Angeline Selvakumari Henry, M.A., M.Ed.

**MANAGING EDITOR**
Pastor Alex Samson Sam, B.Th.,M.Div.

**ADMINISTRATION**
Bro. N. Prakasam, M.A., General Manager

**EDITORIAL BOARD**
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M. Phil., B.Ed.

**HEAD OFFICE CO-ORDINATORS**
Bro. John Rodrigues
Sis. E. Daisy Rani

**ADVISORY BOARD**
Adv. Jose Abraham
Adv. N. Balaji, B.Com., B.L.
Dr. S. Rabinder Boaz, M.S.
Er. C.G.S. Baburao, B.Tech., M.Tech. (DM)
Aud. K. Puratchivendan, M.Com., B.L.

**PUBLISHER & PRINTER**
Pastor S. SAM SELVA RAJ
**Echo of His Call Printers**
10, Mohammed Abdullah 2nd Street
Chepauk, Chennai- 600 005, India.

**Phone :** (+ 91- 44) 2852 8282
2852 9293, 2854 7766

**Cell :** (+91) 98412 71858, 95661 31858

**E-mail :** sam@echoofhiscall.org
biblecor@yahoo.co.in

**Websites :**
www.echoofhiscall.org
www.echoofhiscall.com

### ପ୍ରଭୁରେ ପ୍ରିୟ ଭାଇ ଓ ଭଉଣୀମାନେ,

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ମଧୁର ନାମରେ ଆପଣମାନଙ୍କୁ ଅନେକ ଅନେକ ପ୍ରେମ ।

ଆମେ ଏହା ଆଶା କରୁଛୁ ଯେ ଆପଣମାନେ ଏହି ଅନିଶ୍ଚିତତାର ଦିନଗୁଡ଼ିକରେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସୁରକ୍ଷାକୁ ଉପଭୋଗ କରୁଛନ୍ତି । ଆମେ ନିରବଚ୍ଛିନ୍ନ ଭାବରେ ଆପଣମାନଙ୍କ ନିମନ୍ତେ ପ୍ରାର୍ଥନା କରୁଅଛୁ ।

କୋଭିଡ୍ – ୧୯ର ଆକ୍ରମଣ ପରେ ପରେ, ସମଗ୍ର ଜାଗତିକ ପଦ୍ଧତି ଭୁଷୁଡ଼ି ପଡ଼ିଥିଲା । ସାଧାରଣ ଲୋକମାନଙ୍କର ଆର୍ଥିକ ବ୍ୟବସ୍ଥା ମଧ୍ୟ ଗୁରୁତରଭାବେ ଧ୍ୱଂସଗ୍ରସ୍ତ ହୋଇଥିଲା । ଲୋକମାନେ ଅଧିକ ସ୍ୱାର୍ଥପର, ଲୋଭୀ ଓ ସାଂସାରିକ ମନା ହୋଇ ଜୀବନର ଅସୁରକ୍ଷା ଯୋଗୁ ଅତି ଭୟଭୀତ ହୋଇ ରହିଛନ୍ତି । କରୋନା ମହାମାରୀ ଅନେକଙ୍କ ଜୀବନକୁ ପ୍ରଭାବିତ କରିଥିବାରୁ, ବର୍ତ୍ତମାନ ଲୋକମାନେ ଏହା ଅନୁଭବ କରିବା ଆରମ୍ଭ କରିଛନ୍ତି ଯେ ଏପରି ଗୋଟିଏ ସର୍ବୋଚ୍ଚ ଶକ୍ତି ରହିଛି ଯାହା ସମଗ୍ର ବିଶ୍ୱର ସମସ୍ତ ବ୍ୟବସ୍ଥା ଓ ପଦ୍ଧତିକୁ ନିୟନ୍ତ୍ରଣ କରୁଅଛି ।

ସେଥିପାଇଁ ସମଗ୍ର ଜଗତ ଯେପରି ଯୀଶୁ ଖ୍ରୀଷ୍ଟଙ୍କୁ ସଦାପ୍ରଭୁ ପରମେଶ୍ୱର ଭାବରେ ଜାଣିବେ, ଏଥିନିମନ୍ତେ ତାଙ୍କର ସନ୍ତାନମାନଙ୍କ ପାଇଁ ଏହା ହେଉଛି, ପ୍ରାର୍ଥନା କରିବାର ପ୍ରକୃଷ୍ଟ ସମୟ । ସମଗ୍ର ସୁସମାଚାର ଯେପରି ପୃଥିବୀସ୍ଥ ସମସ୍ତ ଦେଶବାସୀଙ୍କ ଜୀବନରେ ବାସ୍ତବ ହେବ, ଏହା ଆମର ଆନ୍ତରିକ ଇଚ୍ଛା ଓ ପ୍ରାର୍ଥନା ହେବା ଉଚିତ । ସମଗ୍ର ମଣ୍ଡଳୀ ସମଗ୍ର ଜଗତ ମଧ୍ୟକୁ ସମଗ୍ର ସୁସମାଚାର ନେବା ଉଚିତ । ପାଉଲ ରୋମୀୟ ୧୫:୧୯ରେ ଘୋଷଣା କରିଛନ୍ତି, ''... **ଯିରୂଶାଲମଠାରୁ ଇଲ୍ଲୁରିକ ପର୍ଯ୍ୟନ୍ତ ଚତୁର୍ଦ୍ଦିଗରେ ମୁଁ ଖ୍ରୀଷ୍ଟ ସୁସମାଚାର ସଂପୂର୍ଣ୍ଣ ରୂପେ ପ୍ରଚାର କରିଅଛି ।''** ପୁଣି ୨ କରିନ୍ଥୀୟ ୭:୧ରେ କହିଛନ୍ତି, ''**ଅତଏବ, ହେ ପ୍ରିୟମାନେ, ଏହି ସମସ୍ତ ପ୍ରତିଜ୍ଞା ପ୍ରାପ୍ତ ହେବାରୁ ଆସ, ଶରୀର ଓ ଆତ୍ମାର ସମସ୍ତ ଅଶୁଚିତାରୁ ଆପଣା ଆପଣାକୁ ଶୁଚି କର, ପୁଣି ଈଶ୍ୱରଙ୍କୁ ଭୟ କରି ପବିତ୍ରତାରେ ସିଦ୍ଧ ହେଉ ।''**

ଏହା ଉପରେ ଦୃଷ୍ଟି ନିବଦ୍ଧ କରି, ଆମର ସେବାକାର୍ଯ୍ୟ ଏକ ତ୍ରୁଟିପୂର୍ଣ୍ଣ ମାର୍ଗରେ ସୁସମାଚାର ପ୍ରଚାର କରିବାର କିମ୍ବା ଏକ ନିର୍ଦ୍ଦିଷ୍ଟ ଦଳ ନିକଟରେ ପ୍ରଚାର କରିବାର ବିଷୟ ହେବା ଉଚିତ୍ ନୁହେଁ । ସମଗ୍ର ସୁସମାଚାର ହେଉଛି – ମୃତକର୍ମରୁ ମନ ପରିବର୍ତ୍ତନ କରିବା, ଈଶ୍ୱରଙ୍କ ପ୍ରତି ବିଶ୍ୱାସ, ବାପ୍ତିସ୍ମ, ହସ୍ତାର୍ପଣ, ମୃତମାନଙ୍କର ପୁନରୁତ୍ଥାନ ଓ ଅନନ୍ତକାଳୀନ ଦଣ୍ଡ ସମ୍ବନ୍ଧୀୟ ଶିକ୍ଷା । ଏବ୍ରୀ ୬:୧,୨ରେ ଲେଖାଯାଏ, ''**ଅତଏବ ଆସ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ବିଷୟକ ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି ମୃତ କର୍ମରୁ ମନ ପରିବର୍ତ୍ତନ, ଈଶ୍ୱରଙ୍କଠାରେ ବିଶ୍ୱାସ, ନାନା ବାପ୍ତିସ୍ମ ସମ୍ବନ୍ଧୀୟ ଶିକ୍ଷା, ହସ୍ତାର୍ପଣ, ମୃତମାନଙ୍କର ପୁନରୁତ୍ଥାନ ଓ ଶେଷ ବିଚାର ସ୍ୱରୂପ ଭିତ୍ତିମୂଳ ପୁନର୍ବାର ନ ବସାଇ ସିଦ୍ଧିଲାଭ କରିବା ନିମନ୍ତେ ଅଗ୍ରସର ହେଉ ।''**

ଆମେ ସେହି ଅଗଣିତ ଲୋକମାନଙ୍କ ବିଷୟରେ ବୋଝଗ୍ରସ୍ତ ଅଟୁ ଯେଉଁମାନେ ଏପର୍ଯ୍ୟନ୍ତ ଜୀବିତ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟ ଓ ସେମାନଙ୍କ ପରିତ୍ରାଣ ବିଷୟରେ ଶୁଣି ନାହାଁନ୍ତି । ଆଜିକାଲି ସଦାପ୍ରଭୁ ପରମେଶ୍ୱର ସମଗ୍ର ଜଗତର ଲୋକମାନଙ୍କ ପ୍ରତି ତାଙ୍କର ଅନ୍ତିମ ଦଣ୍ଡର ଭୟାବହତା ଓ ଏକ ଖ୍ରୀଷ୍ଟିଆନ ଜୀବନର ପରିଣତି ଜାଣିବା ପାଇଁ ଆମ ଉପରେ ଚାପ ପକାଉ ଅଛନ୍ତି ।

ଏହାକୁ ଆମ ହୃଦୟ ମଧ୍ୟରେ ରଖି ଆମେ ଅନନ୍ତକାଳୀନ ଦିଗରେ କଠିନ ପରିଶ୍ରମ କରୁଅଛୁ, କାରଣ, ବିଶେଷ ଭାବରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ବିଶ୍ୱାସୀ ଭାବରେ ପରିଚିତ ଲୋକମାନେ ଏହି ବିନାଶପ୍ରାପ୍ତ ଲୋକମାନଙ୍କର ଅନନ୍ତ ଜୀବନ ପ୍ରତି କୌଣସି ଗୁରୁତ୍ୱ ଦେଉ ନାହାନ୍ତି । ଈଶ୍ୱରଙ୍କ

**Our Ministries:** ECHO OF HIS CALL Monthly Magazines (16 languages) *BIBLECOR - Postal Courses (3 languages) *Theological Correspondence Courses (2 languages) *Church Planting *Nehemiah Bible Colleges *Gospel Printing Press *Great Commission Partners *Village English High School *Crusades *100 Prayer Warriors * Community Development

ଲୋକମାନଙ୍କ ଉପରେ ଆସୁଥିବା ଦଣ୍ଡକୁ ବିଚାର କରି, ଆମେ ଅତି ପ୍ରତିକୂଳ ଶକ୍ତିର ସମ୍ମୁଖୀନ ହେଲେ ମଧ୍ୟ, ଏହି ଜଗତର ସମସ୍ତ ଲୋକଙ୍କ ନିକଟରେ ସୁସମାଚାର ପ୍ରଚାର କରିବାକୁ ଚେଷ୍ଟା କରୁଅଛୁ । ଆମେ ଆମର ରାଜ୍ୟ-ସଂଯୋଜକ, ସହଯୋଗୀ ସଂପାଦକ, ସଂଯୋଜକ, ଇତ୍ୟାଦି, ଆମର ସମସ୍ତ ସହକର୍ମୀଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ସେମାନଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପ୍ରରୋଚିତ କରୁଅଛୁ ।

ଏହି ପରିସ୍ଥିତି ଯୋଗୁ, ଯେଉଁ ଲୋକମାନଙ୍କୁ ସହାୟତା ଦେବା ପାଇଁ ଆହ୍ୱାନ କରାଯାଇଛି, ସେମାନେ ସେମାନଙ୍କର ଦାୟିତ୍ୱ ହରାଇ ଦେଇଛନ୍ତି ଓ **''ଆହ୍ୱାନର ପ୍ରତିଧ୍ୱନି''** ଭଳି ସେବାକାର୍ଯ୍ୟକୁ ଆଉ କୌଣସି ଅର୍ଥ ସହାୟତା ପ୍ରଦାନ କରୁନାହାନ୍ତି । ସେଥିପାଇଁ ଆମେ ଗୋଟିଏ ପଟେ ଅର୍ଥ ସମସ୍ୟାର ସମ୍ମୁଖୀନ ହେଉଅଛୁ ଓ ଅନ୍ୟ ପଟେ ଜାଗତିକ ପଦ୍ଧତି ଓ ପ୍ରଶାସନ ଯୋଗୁ ଅକଥନୀୟ ଚାପର ସମ୍ମୁଖୀନ ହେଉଅଛି । ଏଠାରେ ଆମେ ସବୁକିଛି ଉଲ୍ଲେଖ କରିପାରିବୁ ନାହିଁ ।

ସେଥିପାଇଁ, ପ୍ରିୟ ବନ୍ଧୁମାନେ, ଏହି କଷ୍ଟକର ସମୟ ମଧ୍ୟରେ ଆମ ନିମନ୍ତେ ପ୍ରାର୍ଥନା କରିବାକୁ ଆପଣମାନଙ୍କୁ ଅନୁରୋଧ କରୁଅଛୁ । ଆମେ ଆପଣମାନଙ୍କଠାରୁ ଉଭୟ ପ୍ରାର୍ଥନା ଓ ଅର୍ଥ ସହାୟତା ଆବଶ୍ୟକ କରୁଅଛୁ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକ,**
**ପାଳକ ସାମ୍ ସେଲ୍ଭାରାଜ୍**

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

**ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ''** (ମାର୍କ ୧୬:୧୬) । ଯୀଶୁ ଏଠାରେ ଯାହା କହିଛନ୍ତି, ସେଥିରୁ ଏହା ସ୍ପଷ୍ଟ ଅଟେ ଯେ କେବଳ ତାଙ୍କୁ ଗ୍ରହଣ କରି ବାପ୍ତିଜିତ ହେବା ଦ୍ୱାରା ପରିତ୍ରାଣ ମିଳେ ।

କିନ୍ତୁ ଯୀଶୁ ନିଜ ମନ୍ତବ୍ୟକୁ ଏହି ବାକ୍ୟ ସହିତ ଆରମ୍ଭ କରିଛନ୍ତି : ''ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବ ଜାତି ନିକଟରେ ସୁସମାଚାର ଘୋଷଣା କର'' (ମାର୍କ ୧୬:୧୫) । ସେ ପ୍ରକୃତରେ କହୁଛନ୍ତି ଯେ ଲୋକମାନେ ତାଙ୍କଠାରେ ବିଶ୍ୱାସ କରିବା ପୂର୍ବରୁ, ପ୍ରଥମେ ସେମାନଙ୍କ ନିକଟରେ ସୁସମାଚାର ପ୍ରଚାରିତ ହେବା ଆବଶ୍ୟକ ପୁଣି ଯୀଶୁ ଉଲ୍ଲେଖ କରିଥିବା ଏହି ସୁସମାଚାର କ'ଣ ? ଏହା ହେଉଛି ଯୀଶୁ ପ୍ରଚାର କରିଥିବା ସୁସମାଚାର ଅନୁତାପର କିମ୍ବା ମନଃ ପରିବର୍ତ୍ତନର ସୁସମାଚାର ।

ଏ ବିଷୟରେ ଚିନ୍ତା କରନ୍ତୁ – ଯୀଶୁ ପ୍ରାନ୍ତରରେ ପରୀକ୍ଷିତ ହୋଇ ସାରିବା ପରେ ପ୍ରଥମେ କେଉଁ ବାର୍ତ୍ତା ଜଣାଇଥିଲେ ? ଧର୍ମଶାସ୍ତ୍ର କହେ, ''ସେହି ସମୟଠାରୁ ଯୀଶୁ ଘୋଷଣା କରି କହିବାକୁ ଲାଗିଲେ, ମନ ପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ'' (ମାଥିଉ ୪:୧୭) ।

ଯୀଶୁ ଲୋକମାନଙ୍କୁ ବିଶ୍ୱାସ କରିବା ପାଇଁ ଆହ୍ୱାନ କରିବା ପୂର୍ବରୁ ଅନୁତାପ କରିବା ପାଇଁ ସେମାନଙ୍କୁ କହିଥିଲେ । ମାର୍କ ଲେଖିଛନ୍ତି, ''... ଯୀଶୁ ଗାଲିଲୀକୁ ଆସି ଈଶ୍ୱରଙ୍କ ସସୁମାଚାର ଘୋଷଣା କରି କହିବାକୁ ଲାଗିଲେ, କାଳ ସଂପୂର୍ଣ୍ଣ ହେଲାଣି, ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ । ମନ ପରିବର୍ତ୍ତନ କର ଓ ସୁସମାଚାରରେ ବିଶ୍ୱାସ କର'' (ମାର୍କ ୧:୧୪-୧୫) । ଖ୍ରୀଷ୍ଟ ପ୍ରଚାର କରିଥିଲେ, ''ପ୍ରଥମେ ମନ ପରିବର୍ତ୍ତନ କର – ଓ ବିଶ୍ୱାସ କର ।'' ଅନ୍ୟ ସ୍ଥାନରେ ଯୀଶୁ ତାଙ୍କ କାର୍ଯ୍ୟ ବିଷୟରେ କହିଛନ୍ତି, ''...ମୁଁ ଧାର୍ମିକମାନଙ୍କୁ ଆହ୍ୱାନ କରିବା ନିମନ୍ତେ ଆସି ନାହିଁ, ମାତ୍ର ପାପୀମାନଙ୍କୁ ଆହ୍ୱାନ କରିବା ନିମନ୍ତେ ଆସିଅଛି'' (ମାଥିଉ ୯:୧୩) । ପୁଣି ସେ ଗାଲିଲୀୟମାନଙ୍କୁ କହିଥିଲେ, ''ମୁଁ ତୁମ୍ଭମାନଙ୍କୁ କହୁଅଛି, 'ନା', କିନ୍ତୁ ମନ ପରିବର୍ତ୍ତନ ନ କଲେ ତୁମ୍ଭେମାନେ ସମସ୍ତେ ସେହି ପ୍ରକାରେ ବିନଷ୍ଟ ହେବ'' (ଲୂକ ୧୩:୩) ।

ଯୀଶୁଙ୍କର ସୁସମାଚାର କେବଳ ମନ ପରିବର୍ତ୍ତନ ସମ୍ବନ୍ଧୀୟ ଥିଲା !

## ବାପ୍ତିଜକ ଯୋହନ ମଧ୍ୟ ଖ୍ରୀଷ୍ଟଙ୍କ ଆଗମନ ପାଇଁ ଇସ୍ରାଏଲକୁ ପ୍ରସ୍ତୁତ କରିବା ନିମନ୍ତେ ମନ ପରିବର୍ତ୍ତନ ବିଷୟ ପ୍ରଚାର କରିଥିଲେ ।

ଯିହୁଦୀମାନଙ୍କ ପ୍ରତି ଯୋହନଙ୍କ ବାର୍ତ୍ତା ସରଳ ଓ ପ୍ରତ୍ୟକ୍ଷ ଥିଲା, ''ସେହି କାଳରେ ବାପ୍ତିଜକ ଯୋହନ ଉପସ୍ଥିତ ହୋଇ ଯିହୁଦା ପ୍ରଦେଶର ପ୍ରାନ୍ତରରେ ଘୋଷଣା କରି କହିବାକୁ ଲାଗିଲେ, ମନ ପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ'' (ମାଥିଉ ୩:୧-୨) । ସବୁ ଅଞ୍ଚଳର ଲୋକମାନେ ଯୋହନଙ୍କ କଥା ଶୁଣିବାକୁ ଆସୁଥିଲେ । ପୁଣି ସେ ଅତି ନିଶ୍ଚୟତାର ସହିତ ସେମାନଙ୍କୁ କହିଥିଲେ, ''ମସିହ ଅତିଶୀଘ୍ର ତୁମ୍ଭମାନଙ୍କ ମଧ୍ୟକୁ ଆସିବେ । ସେଥିପାଇଁ ତୁମ୍ଭେମାନେ ତାଙ୍କ ସହିତ ସାକ୍ଷାତ୍ କରିବା ନିମନ୍ତେ ପ୍ରସ୍ତୁତ ରହିବା ଉଚିତ୍ । ସେ ଆସୁଥିବାରୁ ତୁମ୍ଭେମାନେ ଆନନ୍ଦିତ ହୋଇପାର ! ମାତ୍ର ମୁଁ ତୁମ୍ଭମାନଙ୍କୁ କହୁଅଛି ଯେ ତୁମ୍ଭମାନଙ୍କ ହୃଦୟ ପ୍ରସ୍ତୁତ ହୋଇ ନାହିଁ – କାରଣ ତୁମ୍ଭେମାନେ ଏପର୍ଯ୍ୟନ୍ତ ପାପକୁ ଧରି ରଖିଛ । ବାହାରେ ତୁମ୍ଭେମାନେ ସ୍ୱଚ୍ଛ ଓ ପବିତ୍ର ଦିଶୁଛ । ମାତ୍ର ଭିତରେ, ତୁମ୍ଭେମାନେ ମୃତ ବ୍ୟକ୍ତିମାନଙ୍କର ଅସ୍ଥିରେ ପରିପୂର୍ଣ୍ଣ ଅଟ । ତୁମ୍ଭେମାନେ ବିଷଧର ସର୍ପ ଅଟ ଓ ତୁମ୍ଭମାନଙ୍କ ଠାରେ ଆଦୌ ଈଶ୍ୱର ଭୟ ନାହିଁ । ତଥାପି ତୁମ୍ଭେମାନେ ଯେ ପାପୀ ଅଟ, ଏ ଧାରଣା ତୁମ୍ଭମାନଙ୍କର ନାହିଁ । ମୁଁ ତୁମ୍ଭମାନଙ୍କୁ ସତର୍କ କରି ଦେଉଛି ତୁମ୍ଭେମାନେ ତ୍ରାଣକର୍ତ୍ତାଙ୍କଠାରେ ବିଶ୍ୱାସ କରି ତାଙ୍କର ଅନୁଗାମୀ ହେବା ପୂର୍ବରୁ ତୁମ୍ଭମାନଙ୍କର ପାପଗୁଡ଼ିକୁ ଦୂର କରିବାକୁ ହେବ ।''

ସେଥିପାଇଁ, ଆପଣମାନେ ମଧ୍ୟ ପାପରୁ ଫେରି ଅନୁତାପ ପୂର୍ବକ ଏପରି ଜୀବନ କାଟନ୍ତୁ ଯାହା ବାସ୍ତବ ପରିବର୍ତ୍ତନକୁ ପ୍ରତିଫଳିତ କରିବ । ପିତର ପେଣ୍ଟିକଷ୍ଟ ଦିବସରେ ଲୋକମାନଙ୍କ ନିକଟରେ କେଉଁ ସୁସମାଚାର ପ୍ରଚାର କରିଥିଲେ ? ବାଇବଲ ଆମକୁ କହେ ଯେ ଯେତେବେଳେ ଲୋକମାନେ ପ୍ରେରିତଙ୍କର ସାକ୍ଷ୍ୟ ଶୁଣିଲେ, ସେତେବେଳେ ''... ସେମାନଙ୍କ ହୃଦୟ ବିଦୀର୍ଣ୍ଣ ହେଲା, ପୁଣି ସେମାନେ ପିତର ଓ ଅବଶିଷ୍ଟ ପ୍ରେରିତମାନଙ୍କୁ କହିଲେ, ଭାଇମାନେ ଆମ୍ଭେମାନେ କଅଣ କରିବା ? ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ, ତାହା ହେଲେ ଆପଣମାନେ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହେବେ'' (ପ୍ରେରିତ ୨:୩୭-୩୮) ।

ପିତର ଏହି ଲୋକମାନଙ୍କୁ କେବଳ ''ବିଶ୍ୱାସ କରି ପରିତ୍ରାଣ ପାଇବା ପାଇଁ'' କହି ନ ଥିଲେ । କେବଳ ଏକ ନିଷ୍ପତ୍ତି ନେଇ ଯୀଶୁଙ୍କ ସପକ୍ଷରେ ମତଦାନ ଦେବା ପାଇଁ ସେ ସେମାନଙ୍କୁ କହି ନ ଥିଲେ । ନା – ସେ ସେମାନଙ୍କୁ ପ୍ରଥମେ ଅନୁତାପ କରିବା ପାଇଁ ଓ ଏହାପରେ ଖ୍ରୀଷ୍ଟଙ୍କର ବାଧ୍ୟ ହୋଇ ବାପ୍ତିଜିତ ହେବା ପାଇଁ କହିଥିଲେ । ପାଉଲ ଆରୟପାଗରେ ବିଧର୍ମୀ ଆଥୀନୀୟ ଲୋକମାନଙ୍କ ନିକଟରେ କେଉଁ ସୁସମାଚାର ପ୍ରଚାର କରିଥିଲେ ? ସେ ସେମାନଙ୍କୁ ଅତି ପ୍ରତ୍ୟକ୍ଷ ଭାବରେ କହିଥିଲେ, ''... ଈଶ୍ୱର ଏବେ ସର୍ବତ୍ର ସମସ୍ତ ମନୁଷ୍ୟଙ୍କୁ ମନ ପରିବର୍ତ୍ତନ କରିବା ନିମନ୍ତେ ଜଣାନ୍ତି'' (ପ୍ରେରିତ ୧୭:୩୦) ।

ଏହି ଗ୍ରୀକ୍ ବିଦ୍ୱାନ ମାନଙ୍କର ଈଶ୍ୱରଙ୍କୁ ବିଶ୍ୱାସ କରିବା କଷ୍ଟକର ନ ଥିଲା । ପ୍ରକୃତରେ ବିଶ୍ୱାସ କରିବା ସେମାନଙ୍କର ଏକ ''ଅବସର ବିନୋଦନ'' ଥିଲା ବୋଲି ଆପଣ କହିପାରନ୍ତି । ସେମାନେ ଅନେକ ଈଶ୍ୱରଙ୍କୁ ବିଶ୍ୱାସ କରୁଥିଲେ – ପ୍ରଥମେ ଜଣଙ୍କୁ, ଏହାପରେ ଆଉ ଜଣଙ୍କୁ । ଯେତେବେଳେ କେହି ଜଣେ ଗୋଟିଏ ଦେବତାର ପ୍ରଚାର କରୁଥିଲା, ସେତେବେଳେ ସେମାନେ ସେଥିପ୍ରେ ବିଶ୍ୱାସ

କରୁଥିଲେ । ସେଥିପାଇଁ ସେମାନେ ପାପରେ ଜୀବନ କାଟୁଥିବା ସମୟରେ ବିଶ୍ୱାସ କରୁଥିଲେ । କେବଳ ବିଶ୍ୱାସ ଯେଥେଷ୍ଟ ନ ଥିଲା ।

ପାଉଲ ଏହି ଲୋକମାନଙ୍କୁ କହିଥିଲେ, ''ନା, ନା ... ସେ ଖ୍ରୀଷ୍ଟ ନୁହଁନ୍ତି । ଯୀଶୁଙ୍କୁ ତୁମ୍ଭମାନଙ୍କର ଦେବତାମାନଙ୍କ ତାଲିକାରେ ସଂଯୁକ୍ତ କରାଯାଇପାରିବ ନାହିଁ । ତୁମ୍ଭେମାନେ ସେମାନଙ୍କୁ ବିଶ୍ୱାସ କରିପାର, ମାତ୍ର ଯୀଶୁଙ୍କ ସହିତ ତୁମ୍ଭେମାନେ ତାହା କରିପାରିବ ନାହିଁ । ସେ ତୁମ୍ଭମାନଙ୍କୁ ତୁମ୍ଭମାନଙ୍କ ପାପରୁ ପରିତ୍ରାଣ ଦେବା ପାଇଁ ଆସିଛନ୍ତି । ପୁଣି ସେ ତାଙ୍କର ସମସ୍ତ ଅନୁଗାମୀଙ୍କୁ ମନ ପରିବର୍ତ୍ତନ କରି ଶୁଚି ହେବା ପାଇଁ ଆଦେଶ ଦେଇଛନ୍ତି ।'' ପରେ, ପାଉଲ ରାଜା ଅଗ୍ରିପ୍ପାଙ୍କ ନିକଟରେ ସେହି ସମାନ ମନ ପରିବର୍ତ୍ତନର ସୁସମାଚାର ପ୍ରଚାର କରିଥିଲେ ଓ କହିଥିଲେ, ''... ମୁଁ ସେହି ସ୍ୱର୍ଗୀୟ ଦର୍ଶନର ଅବାଧ ହେଲି ନାହିଁ, କିନ୍ତୁ ପ୍ରଥମେ ଦମ୍ମେଶକର ଓ ଯିରୂଶାଲମର ଲୋକମାନଙ୍କ ନିକଟରେ, ପରେ ଯିହୂଦା ପ୍ରଦେଶର ସମସ୍ତ ଅଞ୍ଚଳରେ, ପୁଣି ବିଜାତିମାନଙ୍କ ନିକଟରେ ମଧ୍ୟ ପ୍ରଚାର କରିବାକୁ ଲାଗିଲି, ଯେପରି ସେମାନେ ମନ ପରିବର୍ତ୍ତନ କରି ଈଶ୍ୱରଙ୍କ ପ୍ରତି ଫେରି ଆସନ୍ତି ଓ ମନ ପରିବର୍ତ୍ତନର ଉପଯୁକ୍ତ କାର୍ଯ୍ୟ କରନ୍ତି'' (ପ୍ରେରିତ ୨୬:୧୯-୨୪) ।

ପାଉଲ କହୁଛନ୍ତି, ''ମୁଁ ଯେଉଁ ଯେଉଁ ସ୍ଥାନକୁ ଯାଇଛି, ସେଠାରେ ମନ ପରିବର୍ତ୍ତନର ବାର୍ତ୍ତା ପ୍ରଚାର କରିଛି । ପୁଣି ପ୍ରକୃତ ମନ ପରିବର୍ତ୍ତନ ଏହାର କାର୍ଯ୍ୟ ଦ୍ୱାରା ପ୍ରମାଣିତ ହୁଏ । ଏହି ଅନୁଚ୍ଛେଦ ଆମ ନିକଟରେ ଏହି ବିଷୟକୁ ସ୍ପଷ୍ଟ କରିଦିଏ ଯେ ପ୍ରେରିତ ଯୁଗର ମଣ୍ଡଳୀ ଠିକ୍ ସେହି ସୁସମାଚାର ପ୍ରଚାର କରୁଥିଲେ ଯାହା ଯୋହନ ଓ ଯୀଶୁ ପ୍ରଚାର କରିଥିଲେ, ଯଥା - ''ପାପ କ୍ଷମା ପାଇଁ ମନ ପରିବର୍ତ୍ତନ କର ।''

## ମନ ପରିବର୍ତ୍ତନ କରିବାର ଅର୍ଥ କ'ଣ ?

ମନ ପରିବର୍ତ୍ତନର ଅର୍ଥ କେବଳ ''ବୁଲି ପଡ଼ି'' ବିପରୀତ ଦିଗକୁ ଯିବା ବୋଲି କେତେକ ଖ୍ରୀଷ୍ଟିଆନ ବିଶ୍ୱାସ କରନ୍ତି । ମାତ୍ର ବାଇବଲ ଅନୁସାରେ ଅନୁତାପ ଏହା ଅପେକ୍ଷା ବହୁତ ଅଧିକ ଅଟେ । ମୁଁ ଥରେ ଜଣେ ବ୍ୟକ୍ତିଙ୍କୁ ଏହା କହୁଥିବାର ଶୁଣିଥିଲି, ''ମୁଁ ଗ୍ରୀକ୍ ନୂତନ ନିୟମ ଜାଣିଛି ବୋଲି ବହୁତ ଖୁସି ଅଟେ । ଏହା ''ଅନୁତାପ''କୁ ''ମନ ପରିବର୍ତ୍ତନ କରିବା'' ଅର୍ଥରେ ଅନୁବାଦ କରିଛି ।

ନା' - ଏହି ବ୍ୟକ୍ତି ତାଙ୍କର ଗ୍ରୀକ୍ ଜାଣନ୍ତି ନାହିଁ । ନୂତନ ନିୟମରେ ଥିବା ''ଅନୁତାପ'' ଶବ୍ଦର ସଂପୂର୍ଣ୍ଣ, ଆକ୍ଷରିକ ଅର୍ଥ ହେଉଛି, ''ଈଶ୍ୱରଙ୍କ ବିରୁଦ୍ଧରେ କରିଥିବା ପାପ ପାଇଁ ଦୁଃଖିତ ହେବା ଓ ନିଜକୁ ନିନ୍ଦା କରିବା, ଦୁଃଖିତ ଓ ଚୂର୍ଣ୍ଣ ହେବା, ଦିଗ ପରିବର୍ତ୍ତନ କରିବାକୁ ଇଚ୍ଛା କରିବା ।'' ଏଠାରେ ଅର୍ଥର ଭିନ୍ନତା ''ଇଚ୍ଛା'' ଶବ୍ଦ ଉପରେ ନିର୍ଭର କରେ । ଅନୁତାପ ମଧ୍ୟରେ ପରିବର୍ତ୍ତିତ ହେବାର ଏକ ଇଚ୍ଛା ଅନ୍ତର୍ଭୁକ୍ତ ଥାଏ । ଅଧିକନ୍ତୁ, କେବଳ ଦୁଃଖିତ ହେବା ଦ୍ୱାରା ମନ ପରିବର୍ତ୍ତନ ହୁଏ ନାହିଁ । ବରଂ, ପ୍ରକୃତ ଦୁଃଖ ଅନୁତାପ ଦିଗକୁ କଢ଼ାଇ ନିଏ । ପାଉଲ କହିଛନ୍ତି, ''କାରଣ ଈଶ୍ୱରଙ୍କ ଇଚ୍ଛାନୁସାରେ ଯେଉଁ ଦୁଃଖ, ତାହା ପରିତ୍ରାଣ ନିମନ୍ତେ ଏପରି ମନ ପରିବର୍ତ୍ତନ ଉତ୍ପନ୍ନ କରେ, ଯାହା ସକାଶେ ଅନୁତାପ କରିବାକୁ ପଡ଼େ ନାହିଁ, ମାତ୍ର ସାଂସାରିକ ଦୁଃଖ ମୃତ୍ୟୁ ଜନ୍ମାଏ'' (୨ କରିନ୍ଥୀୟ ୭:୧୦) ।

ପାଉଲ ଏଠାରେ ଏପରି ଏକ ଦୁଃଖ ବିଷୟରେ କହିଛନ୍ତି ଯାହା ଅନୁଶୋଚନା ବିହୀନ ଅଟେ - ଯାହା ବାସ୍ତବ ଅଟେ, ଯାହା ଅନୁତପ୍ତ ବ୍ୟକ୍ତିର ଜୀବନରେ ''ଲାଭି ରହେ ।'' ଏହି ପ୍ରକାର ଈଶ୍ୱରୀୟ ଦୁଃଖ ସ୍ୱାଭାବିକ ଭାବରେ ଏପରି ଏକ ଅନୁତାପ ଉତ୍ପନ୍ନ କରେ ଯାହା ମଧ୍ୟରେ ପାପ ପ୍ରତି ଘୃଣା, ଈଶ୍ୱରଙ୍କ ପ୍ରତି ଭୟ ଓ ସମସ୍ତ ଭୁଲ୍‌କୁ ସଠିକ୍ କରିବାର ଇଚ୍ଛା ଅନ୍ତର୍ଭୁକ୍ତ ଥାଏ । ଏହା ଆମକୁ ଆଶ୍ଚର୍ଯ୍ୟାନ୍ୱିତ କରିବା ଉଚିତ ନୁହେଁ ଯେ ପାଉଲ ବିଶ୍ୱାସୀମାନଙ୍କ ନିକଟରେ ମନ ପରିବର୍ତ୍ତନର ବାର୍ତ୍ତା ପ୍ରଚାର କରିଥିଲେ । ସେ କରିନ୍ଥର ଖ୍ରୀଷ୍ଟିଆନ ମାନଙ୍କୁ ଅନୁତାପ ସମ୍ବନ୍ଧୀୟ ଏକ ବଳିଷ୍ଠ ବାର୍ତ୍ତା ଜଣାଇଥିଲେ । କରିନ୍ଥୀୟ ବିଶ୍ୱାସୀମାନେ ବାକ୍ୟର ଶକ୍ତିଶାଳୀ ଶିକ୍ଷକମାନଙ୍କ ଅଧୀନରେ ବସି ବହୁଳ ଭାବରେ ଈଶ୍ୱରଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ । ତଥାପି ସେମାନଙ୍କ ମଣ୍ଡଳୀ ମଧ୍ୟରେ ପାପ ରହିଥିଲା ।

ପ୍ରଥମେ ପାଉଲ କରିନ୍ଥୀୟମାନଙ୍କ ନିକଟରେ ସାକ୍ଷ୍ୟ ଦେଇଛନ୍ତି, ''ଯେ ସମସ୍ତ ଚିହ୍ନ ଓ ଅଦ୍ଭୁତ କର୍ମ ପୁଣି ଶକ୍ତିର କାର୍ଯ୍ୟ ପ୍ରେରିତଙ୍କ ଲକ୍ଷଣ ସ୍ୱରୂପ, ସେହିସବୁ ପ୍ରକୃତରେ ତୁମ୍ଭମାନଙ୍କ ମଧ୍ୟରେ ସଂପୂର୍ଣ୍ଣ ଧୈର୍ଯ୍ୟ ସହକାରେ ସାଧିତ ହୋଇଅଛି'' (୨ କରିନ୍ଥୀୟ ୧୨:୧୨) । ମାତ୍ର ଏହାପରେ ପାଉଲ ସେମାନଙ୍କୁ ଅତି ପ୍ରତ୍ୟକ୍ଷ ଭାବରେ କହିଛନ୍ତି, ''କାରଣ କାଳେ ଅବା ମୁଁ ଉପସ୍ଥିତ ହେଲେ, ତୁମ୍ଭମାନଙ୍କୁ ଯେପରି ଦେଖିବାକୁ ଇଚ୍ଛା କରୁଅଛି, ସେପରି ତୁମ୍ଭମାନଙ୍କୁ ନ ଦେଖେ ... ଏଥିପାଇଁ ମୁଁ ଭୟ କରୁଅଛି'' (୨ କରିନ୍ଥୀୟ ୧୨:୨୦) । ପାଉଲ କେଉଁ ବିଷୟକୁ ଭୟ କରୁଥିଲେ ? ଏହା ଥିଲା - ''କାଳେ ମୁଁ ପୁନର୍ବାର ଉପସ୍ଥିତ ହେଲେ ମୋହର ଈଶ୍ୱର ତୁମ୍ଭମାନଙ୍କ ସମ୍ବନ୍ଧରେ ମୋତେ ପୁନର୍ବାର ଅବନତ କରାନ୍ତି, ପୁଣି, ଯେଉଁମାନେ ପୂର୍ବରେ ପାପ କରିଅଛନ୍ତି, ଆଉ, ଆପଣା ଆପଣା କୃତ ଅଶୁଚିତା, ବ୍ୟଭିଚାର ଓ କାମୁକତା ସକାଶେ ଅନୁତାପ କରି ନାହାନ୍ତି, ଏପରି ଅନେକ ଲୋକଙ୍କ ନିମନ୍ତେ ମୁଁ ଶୋକ କରେ'' (୨ କରିନ୍ଥୀୟ ୧୨:୨୧) ।

ଏହି କୋମଳ ହୃଦୟ ବିଶିଷ୍ଟ ମେଷପାଳକ କରିନ୍ଥର ବୁଝାମଣା କରୁଥିବା ସାଧୁମାନଙ୍କୁ ପ୍ରେମ କରୁଥିଲେ । ମାତ୍ର ପାପର ଜୀବନ ଶୈଳୀ ଭୁଲ୍ ଅଟେ ବୋଲି ଯେ ସେମାନଙ୍କୁ ଉତ୍ତମଭାବେ ଶିକ୍ଷା ଦିଆଯାଇଥିଲା ଏହା ମଧ୍ୟ ସେ ଜାଣିଥିଲେ । ପୁଣି ସେ ସେମାନଙ୍କୁ କହିଥିଲେ, ''ଯେତେବେଳେ ମୁଁ ତୁମ୍ଭମାନଙ୍କ ନିକଟକୁ ଆସିବି, ସେତେବେଳେ ତୁମ୍ଭେମାନେ ମୋର ମଥାକୁ ଦୁଃଖରେ ନତ ହେବାର ଦେଖିବ । ମୋ' ଚକ୍ଷୁରୁ ଅଶ୍ରୁ ବୋହିବ ଓ ମୋର ସ୍ୱର ଦୁଃଖରେ ଚିତ୍କାର କରିବ । ଯଦି ତୁମ୍ଭେମାନେ ଅଶୁଚିତା, ବ୍ୟଭିଚାର ଓ କାମୁକତାରେ ଆସକ୍ତ ହୋଇ ରହିବ, ତେବେ ମୁଁ ସଂପୂର୍ଣ୍ଣ ଭାବରେ ଭଗ୍ନ ହେବି - କାରଣ ସୁସମାଚାର ତୁମ୍ଭମାନଙ୍କ ହୃଦୟରେ ଏହାର କାର୍ଯ୍ୟ ସାଧନ କରି ନାହିଁ । ତୁମ୍ଭେମାନେ ଏ ପର୍ଯ୍ୟନ୍ତ ତୁମ୍ଭମାନଙ୍କ ପାପ ପାଇଁ ଅନୁତାପ କରି ନାହଁ । ପୁଣି ମୁଁ ତୁମ୍ଭମାନଙ୍କୁ ଅନୁତାପ କରିବା ପାଇଁ ଉଚ୍ଚସ୍ୱରରେ ଆହ୍ୱାନ କରିବି ।''

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

**Statement about ownership and other particulars about the Newspaper Echo of His Call (ODIA) - Form IV**
**(See Rule 8)**

1. Place of Publication : **10, Mohammed Abdullah Street, Chepauk, Chennai - 600 005**
2. Periodicity : **Monthly**
3. Printer, Editor, Owner & Publisher : **S. Sam Selva Raj** (Same Address)
4. Nationality : **Indian**

I **S. Sam Selva Raj**, hereby that the particulars given above are true to the best of my knowledge and belief.

**March 2021** **S. Sam Selva Raj.**

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ,**

**(୨୦୨୧ ମାର୍ଚ୍ଚ ୧୯ ରୁ ଏପ୍ରିଲ ୧୮ ପର୍ଯ୍ୟନ୍ତ)**

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ମାର୍ଚ୍ଚ – ୧୯ ଈଶ୍ୱର ଗତମାସ ଆମର ମୁଖ୍ୟ ମାଣ୍ଡଳିକ କାର୍ଯ୍ୟଗୁଡ଼ିକ ଉପରେ ଆଶୀର୍ବାଦ କରିଛନ୍ତି ।

ମାର୍ଚ୍ଚ – ୨୦ ଈଶ୍ୱର 'ଆହ୍ୱାନର ପ୍ରତିଧ୍ୱନି' ପତ୍ରିକା ସେବା କାର୍ଯ୍ୟ ସହିତ ମଣିପୁରୀ ଭାଷାକୁ ନୂତନ ଭାବେ ଯୋଗ କରିଛନ୍ତି ।

ମାର୍ଚ୍ଚ – ୨୧ ଆମର ବାଇବଲ କୋର ଓ ଥିଓଲୋଜିକାଲ୍ କରେସ୍ପଣ୍ଡେସ୍ ପାଠ୍ୟକ୍ରମ ଉପରେ ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମାର୍ଚ୍ଚ – ୨୨ ଈଶ୍ୱର ଗତମାସ ଆମର "ଆହ୍ୱାନର ପ୍ରତିଧ୍ୱନି" ସେବାକାର୍ଯ୍ୟକୁ ଆଶୀର୍ବାଦ କରିଥିଲେ ।

ମାର୍ଚ୍ଚ – ୨୩ ଆମର ପ୍ରାର୍ଥନାସାଧୀ, ଅର୍ଥଦାନ କରୁଥିବା ସାଥୀ, ବିଶ୍ୱାସୀ ସାଥୀ, ଆଜୀବନ ସଭ୍ୟ ଓ ମହା ଆଦେଶ ସାଥୀ ଓ ସେମାନଙ୍କର ପରିବାରବର୍ଗଙ୍କ ପାଇଁ ଆମେ ଈଶ୍ୱରଙ୍କର ପ୍ରଶଂସା କରୁଅଛୁ ।

ମାର୍ଚ୍ଚ – ୨୪ ନୂତନ ବିଶ୍ୱାସୀମାନଙ୍କୁ ଆମ ମଣ୍ଡଳୀ ମଧ୍ୟରେ ଅଭିଷିକ୍ତ କରିଥିବାରୁ ପ୍ରଭୁଙ୍କର ପ୍ରଶଂସା ହେଉ ।

ମାର୍ଚ୍ଚ – ୨୫ ଆମକୁ ରାଜ୍ୟ-ସଂଯୋଜକ ଓ ସେମାନଙ୍କର ପରିବାର ବର୍ଗଙ୍କୁ ଯୋଗାଇ ଦେଇଥିବାରୁ ପ୍ରଭୁଙ୍କର ପ୍ରଶଂସା ହେଉ ।

ମାର୍ଚ୍ଚ – ୨୬ ପ୍ରଚାର ଯାତ୍ରା ସମୟରେ ଆମକୁ ଆଶୀର୍ବାଦ କରିଥିବାରୁ ଆମେ ଈଶ୍ୱରଙ୍କର ପ୍ରଶଂସା କରୁଅଛୁ ।

ମାର୍ଚ୍ଚ – ୨୭ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ବର୍ଗଙ୍କର ମଙ୍ଗଳଦାନ ପାଇଁ ଈଶ୍ୱରଙ୍କର ପ୍ରଶଂସା ହେଉ ।

ମାର୍ଚ୍ଚ – ୨୮ ଈଶ୍ୱର ଆମର ଛାପାକଳ ଓ ୧୭ଟି ଭାଷାରେ ମୁଦ୍ରିତ ଓ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ ହେଉଥିବା ପତ୍ରିକା ଉପରେ ଆଶୀର୍ବାଦ କରିଛନ୍ତି ।

ମାର୍ଚ୍ଚ – ୨୯ ଈଶ୍ୱର ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଅନ୍-ଲାଇନ୍ ପାଠ ପଢ଼ା ଉପରେ ଆଶୀର୍ବାଦ କରିଥିଲେ ।

ମାର୍ଚ୍ଚ – ୩୦ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ଶିକ୍ଷକ ଓ କର୍ମଚାରୀମାନଙ୍କୁ ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା ହେଉ ।

ମାର୍ଚ୍ଚ – ୩୧ ୨୦୨୦ରେ କୋଭିଡ୍ – ୧୯ ମହାମାରୀ ସମୟରେ, ଆମର ଜୀବିକାକୁ ସୁରକ୍ଷିତ ରଖିଥିବାରୁ ଈଶ୍ୱରଙ୍କର ପ୍ରଶଂସା ହେଉ ।

ଏପ୍ରିଲ – ୧ ଈଶ୍ୱର କୋଭିଡ୍ – ୧୯ ମହାମାରୀ ସମୟରେ ଆହ୍ୱାନର ପ୍ରତିଧ୍ୱନିର ସମସ୍ତ କାର୍ଯ୍ୟ ଉପରେ ଆଶୀର୍ବାଦ କରିଥିଲେ ।

ଏପ୍ରିଲ – ୨ ଆମ ମୁଖ୍ୟ ମଣ୍ଡଳୀରେ ପୁଣି ଥରେ ସ୍ୱାଭାବିକ ଭାବରେ ଉପାସନା ପରିଚାଳିତ ହେଉଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଏପ୍ରିଲ– ୩ ଆମର ସଦାପ୍ରଭୁ ପରମେଶ୍ୱର ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଉଛନ୍ତି ।

## ପ୍ରାର୍ଥନାର ବିଷୟ

ଏପ୍ରିଲ – ୪ ଆମେ ଯେଉଁ ବନ୍ଧୁ ଓ ବିଶ୍ୱାସୀମାନଙ୍କୁ ୨୦୨୦ରେ ସାକ୍ଷାତ୍ କରିଥିଲୁ, ସେମାନଙ୍କୁ ଆଶୀର୍ବାଦ କରିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୫ ସୁସମାଚାର ଛାପାକଳକୁ ଆଶୀର୍ବାଦ କରିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୬ ସମସ୍ତ ଧର୍ମ ମଧ୍ୟରେ ଏକତା ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୭ ଈଶ୍ୱରଙ୍କ ପାଇଁ ସମସ୍ତ ଜାତି ମଧ୍ୟରେ ସତ୍ୟ ନିଷ୍ଠା ପ୍ରତିଷ୍ଠା ନିମନ୍ତେ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୮ ଆସନ୍ତୁ, ସମସ୍ତ ନିଶାସକ୍ତ ବ୍ୟକ୍ତିମାନେ ଯେପରି ମୁକ୍ତ ହେବେ, ଏଥିପାଇଁ ପ୍ରାର୍ଥନା କରିବା ।

ଏପ୍ରିଲ – ୯ ଆମର ମଣିପୁରୀ ଭାଷାର ସହଯୋଗୀ ସଂପାଦକ ରେଭ.ଡ.ରିଷିକାନ୍ତ ସରୋଖାଇବାମ ଓ ତାଙ୍କର ପରିବାର ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ–୧୦ ଆମର ଇଂରାଜୀ ସହଯୋଗୀ ସଂପାଦକ, ଏମ୍.ପଲ୍‌ରାଜ୍ ଯେପରି ସଂପୂର୍ଣ୍ଣ ଭାବରେ ସୁସ୍ଥ ହୋଇ ଶାନ୍ତିର ଜୀବନ କାଟିବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ–୧୧ ସମଗ୍ର ପୃଥିବୀରୁ କୋଭିଡ୍ ମହାମାରୀ ଯେପରି ଶୀଘ୍ର ଦୂର ହେବ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ–୧୨ ଆମର ଅନୁଷ୍ଠାନ, ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ–୧୩ ଏହି ବର୍ଷର ଖର୍ଚ୍ଚ ଓ ଏହା ଉପରେ ଈଶ୍ୱରଙ୍କ ହସ୍ତ ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ–୧୪ ଆମର ଉତ୍ତର ଭାରତର ମିଶନେରୀ ଓ ସେମାନଙ୍କର ମଙ୍ଗଳ ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ–୧୫ ଆମର ସୁସମାଚାର ଛାପାକଳକୁ ସୁରକ୍ଷିତ ଓ ପରିଷ୍କୃତ ରଖିବା ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ–୧୬ ସମସ୍ତ ମିଶନେରୀ ଓ ବିଶ୍ୱାସୀ ଯେପରି ସେବାକାର୍ଯ୍ୟରେ ଏକତା ରକ୍ଷା କରିବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ–୧୭ ପ୍ରତ୍ୟେକ ମାର୍ଗରେ ଓ ପ୍ରତ୍ୟେକ ଦିଗରେ ଆମର ସେବାକାର୍ଯ୍ୟର ସଂପ୍ରସାରଣ ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ–୧୮ ଆମର ବରିଷ୍ଠ ପାଳକ ଏସ.ସାମ୍ ସେଲ୍ଭାରାଜ୍ ଓ ତାଙ୍କର ପରିବାର ଯେପରି ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷିତ ରହିବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

## ପାଉଲଙ୍କର ଏହି ବାକ୍ୟ ମୋତେ ଲଜ୍ଜିତ କରେ ।

ମୁଁ ପାଉଲଙ୍କର ବାକ୍ୟ ପାଠ କରୁଥିବା ସମୟରେ, ମୁଁ ନିଜକୁ ମୋ' ନିଜର କାର୍ଯ୍ୟକୁ ପରୀକ୍ଷା କରୁଥିବାର ଆବିଷ୍କାର କଲି । ପୁଣି ମୁଁ ନିଜକୁ ପଚାରିଛି : ଯୀଶୁ ପ୍ରଚାର କରିଥିବା ମନ ପରିବର୍ତ୍ତନର ସୁସମାଚାରକୁ ମୁଁ ସଂକ୍ଷିପ୍ତ କରି ଦେଇଛି କି ? ମୁଁ କଇଁଚି ଧରି ବାଇବଲରୁ ଖ୍ରୀଷ୍ଟଙ୍କୁ ଅନୁସରଣ କରିବାର ଉଚ୍ଚତର ମୂଲ୍ୟକୁ କାଟି ଦେଇଛି କି ? ''କେବଳ ବିଶ୍ୱାସ କଲେ ପରିତ୍ରାଣ ପାଇବ'' ବୋଲି ଲୋକମାନଙ୍କୁ କହିବା ଦ୍ୱାରା ମୁଁ ତାଙ୍କର ଆଦର୍ଶକୁ ଊଣା କରିଦେଇଛି କି ?

ଆଜି ମୁଁ ମଣ୍ଡଳୀ ପ୍ରତି ଦୃଷ୍ଟିପାତ କରିବା ସମୟରେ ଭାବୁଛି ଯେ : ଆମେ ପ୍ରଚାରକମାନେ ପ୍ରକୃତ ଅନୁତାପର ପ୍ରମାଣ ଭାବରେ ''ଈଶ୍ୱରୀୟ ଦୁଃଖ'' ଉପରେ ଗୁରୁତ୍ୱାରୋପ କରୁଛୁ କି ? କିମ୍ବା ଆମେ ଅନୁତପ୍ତ ଲୋକମାନଙ୍କୁ ଏକ ମିଥ୍ୟା ଶାନ୍ତି ମଧ୍ୟକୁ କଢ଼ାଇ ନେଉଛୁ ? ଆମେ କ'ଣ ଭୁଲ୍ ଭାବରେ ସେମାନଙ୍କୁ ଏହି ଶିକ୍ଷା ଦେଉଛୁ ଯେ ଈଶ୍ୱର ସେମାନଙ୍କଠାରୁ କେବଳ ଏହା କହିବା ଆବଶ୍ୟକ କରନ୍ତି, ''ଯୀଶୁ, ମୁଁ ଆପଣଙ୍କଠାରେ ବିଶ୍ୱାସ କରୁଅଛି ?'' ଆମେ କ'ଣ ପାପ ପାଇଁ ଉଦ୍ଦିଷ୍ଟ ବାସ୍ତବ ଚେତନାକୁ ସଂକ୍ଷିପ୍ତ କରି ଦେଇଛୁ ? ଆମେ କ'ଣ ସେହିମାନଙ୍କୁ ପରିତ୍ରାଣ ଯାଚିଛୁ ଯେଉଁମାନେ ପ୍ରକୃତରେ ଅନୁତାପ କରି ନାହାନ୍ତି, ଯେଉଁମାନେ ସେମାନଙ୍କ ପାପର ବହୁଳ୍ୟତାକୁ ଦେଖି ନାହାନ୍ତି, ଯେଉଁମାନେ କେବଳ ଏଥିପାଇଁ ବିଶ୍ୱାସକୁ ଅନ୍ୱେଷଣ କରିଛନ୍ତି ଯେପରିକି ଏହା ପଛରେ ସେମାନଙ୍କର ଲାଳସାକୁ ଲୁଚାଇ ପାରିବେ ?

ଆମେ ସର୍ବଦା ବିଭିନ୍ନ ସେବାକାର୍ଯ୍ୟ ମାଧ୍ୟମରେ ଯୀଶୁଙ୍କ ନିକଟକୁ ଆସୁଥିବା ଲୋକମାନଙ୍କର ସଂଖ୍ୟାକୁ ଅତିରଞ୍ଜିତ କରି କହିବା ଶୁଣୁ ''ଖ୍ରୀଷ୍ଟିଆନମାନେ ଏହି ସମ୍ବାଦ ଦିଅନ୍ତି ଯେ ସେମାନେ କାରାଗାରରେ, ବିଦ୍ୟାଳୟରେ, ଆଦିବାସୀମାନଙ୍କ ସଭାଗୁଡ଼ିକରେ ପ୍ରଚାର କରୁଥିବା ସମୟରେ ଅନେକ ଲୋକ ପରିତ୍ରାଣ ପାଇଥିଲେ । ସେମାନେ କହନ୍ତି, ''ସେ ସ୍ଥାନର ସମସ୍ତ ଲୋକ ଯୀଶୁଙ୍କୁ ସେମାନଙ୍କ ହୃଦୟ ଦେଇଥିଲେ । ମୁଁ ପ୍ରଚାର କରିବା ଶେଷ କରିବା ପରେ, ସେମାନେ ପରିତ୍ରାଣ ପାଇଁ ଆଗକୁ ଆସିଥିଲେ ।''

ନା, ତାହା ଏକ ଦୁଃଖଦ ଅତିରଞ୍ଜନ ଅଟେ । ପ୍ରକୃତରେ, ଯାହା ପ୍ରାୟ ଘଟିଥାଏ, ତାହା ହେଉଛି, ସମସ୍ତେ କେବଳ ଗୋଟିଏ ପ୍ରାର୍ଥନାକୁ ଦୋହରାଇ ଥାଆନ୍ତି । ସେମାନଙ୍କୁ ଯାହା ପ୍ରାର୍ଥନା କରିବାକୁ କୁହାଯାଏ, ସେମାନେ କେବଳ ସେହି ପ୍ରାର୍ଥନା କରନ୍ତି ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ କ'ଣ କହୁଛନ୍ତି, ତାହା ନିଜେ ମଧ୍ୟ ଜାଣି ନ ଥା'ନ୍ତି । ଏହାପରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କର ପୁରାତନ ଧର୍ମ ପ୍ରତି ଫେରିଯା'ନ୍ତି । ଏହିପରି ଲୋକମାନେ ପବିତ୍ର ଆତ୍ମାଙ୍କର ଏକ ଗଭୀର କାର୍ଯ୍ୟର ଅନୁଭୂତି ପାଆନ୍ତି ନାହିଁ । ଏହା ଫଳରେ, ସେମାନେ ଆଦୌ ଅନୁତାପ କରନ୍ତି ନାହିଁ, ସେମାନଙ୍କ ପାପ ପାଇଁ ଦୁଃଖ କରନ୍ତି ନାହିଁ ଓ ପ୍ରକୃତରେ ଆଦୌ ବିଶ୍ୱାସ କରନ୍ତି ନାହିଁ । ଦୁଃଖଦଭାବରେ, ଆମେ ସେମାନଙ୍କୁ ଏପରି କିଛି ଯାଚିଥାଉ, ଯାହା ଯୀଶୁ ନିଜେ ଯାଚି ନ ଥିଲେ, ଅର୍ଥାତ୍, ଅନୁତାପ ବିନା ପରିତ୍ରାଣ !

ମୁଁ ବିଶ୍ୱାସ କରୁଛି, ମଣ୍ଡଳୀ ଚେତନାର ଅନୁଭବକୁ ସୁଦ୍ଧା କାଢ଼ି ନେଇଛି । ଏ ବିଷୟରେ ଚିନ୍ତା କରନ୍ତୁ – ଆପଣ ସେହି ଲୋକମାନଙ୍କ ଚକ୍ଷୁରେ କେବେ ଅଶ୍ରୁ ଦେଖନ୍ତି ନାହିଁ ଯେଉଁମାନେ ପରିତ୍ରାଣ ପାଇଥାନ୍ତି । ଅବଶ୍ୟ, ଅଶ୍ରୁ କାହାରିକୁ ପରିତ୍ରାଣ ଦିଏ ନାହିଁ ବୋଲି ମୁଁ ଜାଣେ । ମାତ୍ର ଈଶ୍ୱର ଆମକୁ ଅତି ବାସ୍ତବ ଅନୁଭବ ସହିତ ମନୁଷ୍ୟ ଭାବରେ ନିର୍ମାଣ କରିଥିଲେ । ପୁଣି ଯେ କୌଣସି ନର୍କଗାମୀ ପାପୀ ଯଦି ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୁଏ, ସେ ସ୍ୱାଭାବିକ ଭାବରେ ପ୍ରଭୁଙ୍କୁ ଦୁଃଖ ଦେଉଥିବା ଯୋଗୁ ଗଭୀର ଦୁଃଖ ଅନୁଭବ କରେ ।

ପ୍ରେରିତ ପିତର ସେତେବେଳେ ଏହି ପ୍ରକାର ଧାର୍ମିକ ଦୁଃଖ ଅନୁଭବ କରିଥିଲେ ଯେତେବେଳେ ସେ ଯୀଶୁଙ୍କୁ ଅସ୍ୱୀକାର କରିଥିଲେ । ହଠାତ୍ ସେ ଯୀଶୁଙ୍କ କଥାକୁ ମନେ ପକାଇ ଥିଲେ, ''... ଏଥିରେ କୁକୁଡ଼ା ଦ୍ୱିତୀୟ ଥର ଡ଼ାକିବା ପୂର୍ବରୁ ତୁମ୍ଭେ ମୋତେ ତିନିଥର ଅସ୍ୱୀକାର କରିବ, ଏହି ଯେଉଁ କଥା ଯୀଶୁ ପିତରଙ୍କୁ କହିଥିଲେ, ତାହା ତାଙ୍କ ମନରେ ପଡ଼ିଲା, ଆଉ ସେ ସେହି କଥା ଭାବି ରୋଦନ କରିବାକୁ ଲାଗିଲେ'' (ମାର୍କ ୧୪:୭୨) । ପିତର ଏହି କଥା ମନେ ପକାଇ ଆବେଗରେ ପରିପୂର୍ଣ୍ଣ ହୋଇଥିଲେ ।

ପ୍ରିୟ ବନ୍ଧୁଗଣ, ଆମେ ଶରୀରରେ ସେହି ପ୍ରକାର ଅନୁତାପକୁ କାର୍ଯ୍ୟକାରୀ କରିପାରିବା ନାହିଁ । କିପରି ତାହା କରିବାକୁ ହେବ, ତାହା କେବଳ ପବିତ୍ର ଆତ୍ମା ଆମ ନିକଟରେ ପ୍ରକାଶ କରିପାରନ୍ତି । ପିତରଙ୍କ ଭଳି ଆମେ ମଧ୍ୟ ଆମର ପ୍ରଭୁଙ୍କୁ ଆଘାତ ଦେଇଅଛୁ । ପୁଣି ପବିତ୍ର ଆତ୍ମାଙ୍କ ପରିପ୍ରକାଶ ଆମକୁ ଗଭୀର ଦୁଃଖରେ ପରିପୂର୍ଣ୍ଣ କରିବା ଉଚିତ୍ । ମୁଁ ନୈତିକତାବାଦୀ ଲେଖକମାନଙ୍କର ସମସ୍ତ ମତବାଦରେ ସମ୍ମତ ହୁଏ ନାହିଁ, ମାତ୍ର ମୁଁ ପବିତ୍ରତା ଉପରେ ସେମାନଙ୍କର ଗୁରୁତ୍ୱାରୋପକୁ ଭଲପାଏ । ଏହି ଧାର୍ମିକ ପ୍ରଚାରକମାନେ ସେମାନଙ୍କର ଶିକ୍ଷାକୁ ''ଗଭୀର ଚାଷ'' ବୋଲି କହୁଥିଲେ । ସେମାନେ ବିଶ୍ୱାସ କରୁଥିଲେ ଯେ ସେମାନେ ସେମାନଙ୍କର ଶ୍ରୋତାମାନଙ୍କ ହୃଦୟକୁ ଗଭୀର ଭାବରେ ନ ଖୋଳିବା ପର୍ଯ୍ୟନ୍ତ ବିଶ୍ୱାସରୂପକ ବୀଜ ବୁଣିପାରିବେ ନାହିଁ ।

ଏହିପରି ଭାବରେ, ପ୍ୟୁରିଟାନ୍‌ମାନେ ଏହି ବିଷୟକୁ ସୁନିଶ୍ଚିତ କରୁଥିଲେ ଯେ ସେମାନଙ୍କ ପ୍ରଚାର ଗଭୀରତା ମଧ୍ୟକୁ ଯାଉଥିଲା ଓ ସେମାନଙ୍କ ଶ୍ରୋତାମାନଙ୍କ ପ୍ରାଣର ସମସ୍ତ ଅନୁର୍ବର ମାଟିକୁ ଉତ୍ପାଦନକ୍ଷମ କରୁଥିଲା । ସେମାନଙ୍କର ଶିକ୍ଷା ସେମାନଙ୍କ ମଣ୍ଡଳୀରେ ବାସ୍ତବ ଅନୁତାପ ଉତ୍ପନ୍ନ କରୁଥିଲା । ପୁଣି, ଏହା ବଦଳରେ ବର୍ଷ ବର୍ଷ ଧରି ବଳିଷ୍ଠ, ପରିପକ୍ୱ ଓ ବିଶ୍ୱସ୍ତ ଖ୍ରୀଷ୍ଟିଆନ ମାନେ ଉତ୍ପନ୍ନ ହେଉଥିଲେ । ବିଖ୍ୟାତ କବି ଜନ୍ ମିଲଟନ୍ ସେମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । କିନ୍ତୁ ଆଜି ଅଧିକାଂଶ ପ୍ରଚାର ହଳ କରିବା ବିନା ବୁଣାଯାଉଛି ।

## ଗୋଟିଏ ପ୍ରେମପୂର୍ଣ୍ଣ ଅନୁରୋଧ

### (A LOVING REQUEST)

ଆମକୁ କର୍ମଚାରୀମାନଙ୍କର ଦରମା, କାଗଜ କିଣିବା ପାଇଁ ଖର୍ଚ୍ଚ ଓ ଯାତ୍ରା ଖର୍ଚ୍ଚ, ଇତ୍ୟାଦି ଭଳି ଅନେକ ଆବଶ୍ୟକତା ପୂରଣ କରିବାକୁ ପଡୁଥିବାରୁ, ଆମେ ଅତି ଚାପଗ୍ରସ୍ତ ଅଛୁ । ସାଧାରଣ ଭାବରେ, ଆମେ କାହାରିକୁ ଅର୍ଥ ସହାୟତା ମାଗି ନ ଥାଉ । ମାତ୍ର ଯେଉଁମାନେ ଏହି ସେବାକାର୍ଯ୍ୟକୁ ପ୍ରେମ କରନ୍ତି, ସେମାନେ ଯେପରି କିଛି ଦାନ ମନି ଅର୍ଡର, ଚେକ୍, ଡିମାଣ୍ଡଡ୍ରାଫ୍ଟ, ଫୋନ୍-ପେ କିମ୍ବା ଏନିଏଫ୍‌ଟି ମାଧ୍ୟମରେ ଆମ ନିକଟକୁ ପ୍ରେରଣ କରିବେ, ଏଥିପାଇଁ ଆମେ ସେମାନଙ୍କୁ ବିଶେଷ ଅନୁରୋଧ କରୁଅଛୁ । ପ୍ରଭୁ ନିଶ୍ଚୟ ଆପଣମାନଙ୍କୁ ଆଶୀର୍ବାଦ କରିବେ ।

*ସଂପାଦକ*
*ଆହ୍ୱାନର ପ୍ରତିଧ୍ୱନି*

ଆଜିକାଲି ମୁଁ ଏପରି ଶିକ୍ଷା ଶୁଣୁ ନାହିଁ ଯାହା ମାଟିକୁ ଗଭୀର ଭାବରେ ଖୋଳୁଅଛି । ଗଭୀର ଭାବରେ ହଳ କରିବା କେବଳ ପାପ ରୂପକ ରୋଗର ସମାଧାନ କରେ ନାହିଁ, ଏହା ରୋଗର ମୂଳ କାରଣକୁ ମଧ୍ୟ ଖୋଳି ବାହାର କରେ ।

ଆମେ ଶୁଣୁଥିବା ଅଧିକାଂଶ ପ୍ରଚାର ରୋଗର କାରଣ ସମ୍ବନ୍ଧୀୟ ଅଟେ । ଆଜି ଆମେ ଶୁଣୁଥିବା ଅଧିକାଂଶ ପ୍ରଚାର ରୋଗକୁ ଅଣଦେଖା କରି କେବଳ ପ୍ରତିକାର ଉପରେ ଗୁରୁତ୍ୱ ଦିଏ । ଏହା ଅସ୍ତ୍ରୋପଚାର ଯୋଗାଇବା ବିନା କେବଳ ଏକ ନିଦାନର ପରାମର୍ଶ ଦିଏ ।

ଦୁଃଖର ବିଷୟ, ଲୋକମାନେ ଯେ ଅସୁସ୍ଥ ଅଛନ୍ତି ତାହା ସେମାନେ ଆଦୌ ଜାଣି ନ ଥିଲେ ସୁଦ୍ଧା ସେମାନେ ପାପରୁ ସୁସ୍ଥ ହୋଇଛନ୍ତି ବୋଲି ଭାବିବା ପାଇଁ ଆମେ ସେମାନଙ୍କୁ ପ୍ରରୋଚିତ କରୁ । ଯେତେବେଳେ ସେମାନେ ଉଲଙ୍ଗ ଅଛନ୍ତି ବୋଲି ଜାଣି ନ ଥା'ନ୍ତି, ସେତେବେଳେ ଆମେ ସେମାନଙ୍କୁ ଧାର୍ମିକତାର ବସ୍ତ୍ର ପରିଧାନ କରାଉ । ଯେତେବେଳେ ସେମାନେ ଯେ ବିଶ୍ୱାସ କରିବା ଆବଶ୍ୟକ, ଏହା ଜାଣି ନ ଥା'ନ୍ତି, ସେତେବେଳେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ପାଇଁ ଆମେ ସେମାନଙ୍କୁ କହୁ । ଏହି ପ୍ରକାର ଲୋକମାନେ ଶେଷରେ ଭାବନ୍ତି, ''ଯୀଶୁଙ୍କୁ ମୋ' ଜୀବନ ସହିତ ସଂଯୁକ୍ତ କଲେ କୌଣସି କ୍ଷତି ନାହିଁ ।'' ଶକ୍ତିପୂର୍ଣ୍ଣ ଇଂରାଜୀ ପ୍ରଚାରକ, C.H. Spurgon ଅନୁତାପର ଆବଶ୍ୟକତା ବିଷୟରେ ନିମ୍ନଲିଖିତ କଥା କହିଥିଲେ :

''ମୁଁ ବିଶ୍ୱାସ କରୁଛି ଯେ ଦୁଃଖପୂର୍ଣ୍ଣ ଅନୁତାପ ଏ ପର୍ଯ୍ୟନ୍ତ ରହିଛି, ଯଦିଓ ମୁଁ ବର୍ତ୍ତମାନ ଏ ବିଷୟରେ ଅଧିକ କିଛି ଶୁଣୁ ନାହିଁ । ଆଜିକାଲି ଲୋକମାନେ ଅତିଶୀଘ୍ର ବିଶ୍ୱାସ ମଧ୍ୟକୁ ଲମ୍ଫ ମାରିବା ଭଳି ମନେ ହେଉଛି । ... ମୋର ପୁରାତନ ବନ୍ଧୁ, ମୁଁ ଆଶା କରୁଛି ଯେ ଅନୁତାପ ମୃତ ନୁହେଁ । ମୁଁ ଅତି ବ୍ୟାକୁଳ ଭାବରେ ଅନୁତାପକୁ ପ୍ରେମ କରେ । ଏହା ବିଶ୍ୱାସର ଯମଜ ଭଗ୍ନୀ ଭଳି ମନେହୁଏ । ମୁଁ ନିଜେ ଶୁଷ୍କ ଚକ୍ଷୁ ବିଶିଷ୍ଟ ବିଶ୍ୱାସ ବିଷୟରେ ବହୁତ କିଛି ବୁଝିଛି, ମୁଁ ଏହା ଜାଣେ ଯେ ମୁଁ କ୍ରନ୍ଦନର ଅର୍ଥାତ୍, କ୍ରୁଶର ମାର୍ଗ ଦେଇ ଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲି । ଯେତେବେଳେ ମୁଁ ବିଶ୍ୱାସ ଦ୍ୱାରା କାଲଭରୀକୁ ଆସିଥିଲି, ସେତେବେଳେ ମୁଁ କ୍ରନ୍ଦନ ଓ ବିନତିର ସହିତ ଆସିଥିଲି । ମୁଁ ମୋର ଅଧର୍ମକୁ ସ୍ୱୀକାର କରିଥିଲି ଓ ଯୀଶୁଙ୍କଠାରେ, କେବଳ ଯୀଶୁଙ୍କଠାରେ ପରିତ୍ରାଣ ପାଇବି ବୋଲି ଇଚ୍ଛା କରିଥିଲି ।''

## ଆମର ମଣ୍ଡଳୀ ପ୍ରତିଷ୍ଠିତ ହେବା ସମୟରେ ଆମର ପାଳକ ପ୍ରଥମ କିଛି ବର୍ଷ ଧରି ବ୍ୟବସ୍ଥା ବିଷୟରେ ପ୍ରଚାର କରିଥିଲେ ।

ଆମେ କାହିଁକି ଆମ ମଣ୍ଡଳୀରେ ଏତେ ଦିନ ଧରି ବ୍ୟବସ୍ଥା ପ୍ରଚାର କରିଥିଲୁ ? ଏହାର କାରଣ ଥିଲା, ଆମ ମଣ୍ଡଳୀର ଅନେକ ଲୋକ ନିଜ ନିଜକୁ ଖ୍ରୀଷ୍ଟିଆନ କହୁଥିଲେ, ମାତ୍ର ସେମାନଙ୍କ ଜୀବନ ଏହାକୁ ପ୍ରତିଫଳିତ କରୁ ନ ଥିଲା । ସେହି ଆଦ୍ୟ ବର୍ଷଗୁଡ଼ିକରେ, ଅନେକ ଲୋକ ପ୍ରତ୍ୟେକ ଉପାସନା ଶେଷରେ ବେଦୀ ନିକଟକୁ ଆସୁଥିଲେ । ସେମାନେ ଗୋଟିଏ ପ୍ରାର୍ଥନାକୁ ଦୋହରାଉ ଥିଲେ ଓ ''ବିଶ୍ୱାସ ଦ୍ୱାରା ପରିତ୍ରାଣ ଗ୍ରହଣ କରୁଥିଲେ ।'' ମାତ୍ର ଏମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ସେମାନଙ୍କ ପାପ ସମ୍ବନ୍ଧରେ ଚେତନା ଅନୁଭବ କରୁ ନ ଥିଲେ । ସେମାନେ ଧାର୍ମିକ ଦୁଃଖର ଅନୁଭୂତି ପାଉ ନ ଥିଲେ – ସେଥିପାଇଁ ସେମାନଙ୍କ ଜୀବନ ପ୍ରକୃତ ଅନୁତାପକୁ ପ୍ରକାଶ କରୁ ନ ଥିଲା ।

ମନେହୁଏ ଅନୁତପ୍ତ ଅଭିନେତାମାନେ ରବିବାରରେ ଖ୍ରୀଷ୍ଟଙ୍କୁ ସ୍ୱୀକାର କରୁଥିଲେ ମାତ୍ର ସପ୍ତାହ ସାରା ଈଶ୍ୱର ଦ୍ରୋହ ପ୍ରତି ଫେରି ଯାଉଥିଲେ । ସମଲିଙ୍ଗୀ ବ୍ୟକ୍ତିମାନେ ସେମାନଙ୍କର ପରିତ୍ରାଣ ପାଇଁ ପ୍ରାର୍ଥନା କରୁଥିଲେ ମାତ୍ର ସେମାନଙ୍କ ପାପପୂର୍ଣ୍ଣ ଜୀବନ ଶୈଳୀକୁ ଅବ୍ୟାହତ ରଖୁଥିଲେ । ଅନ୍ୟମାନେ ଆମ ବେଦୀ ନିକଟରେ ଯୀଶୁଙ୍କୁ ସ୍ୱୀକାର କରୁଥିଲେ ମାତ୍ର ସେମାନଙ୍କର ବ୍ୟଭିଚାର କାର୍ଯ୍ୟରେ, କାମୁକତାରେ କିମ୍ବା ନିଶା ସେବନରେ ଲାଗି ରହୁଥିଲେ । ସେଥିପାଇଁ ଆମେ ଆମ ମଞ୍ଚରୁ ଚେତନା ବାଣୀ ଶୁଣାଇଲୁ । ପବିତ୍ର ଆତ୍ମା ଆମ ପାଳକମାନଙ୍କୁ ସମସ୍ତ ପାପ, ବିଦ୍ରୋହ ଓ ତାଙ୍କ ବାକ୍ୟ ପ୍ରତି ଅବାଧ୍ୟତାକୁ ଉନ୍ମୋଚନ କରିବା ପାଇଁ ଚାଳନା ଦେଇଥିଲେ । ଆମେ ନର୍କକୁ ଏତେ ଉତ୍ତପ୍ତ ଭାବରେ ପ୍ରଚାର କଲୁ ଯେ ଲୋକମାନେ ଆମର ଉପାସନା ଛାଡ଼ି ଚାଲିଯାଉଥିଲେ । ପୁଣି ଆମେ ସ୍ୱର୍ଗକୁ ଏତେ ବାସ୍ତବ ଭାବରେ ପ୍ରଚାର କଲୁ ଯେ ବୁଝାମଣାରେ ଜୀବନ କାଟୁଥିବା ବ୍ୟକ୍ତିମାନେ ଖ୍ରୀଷ୍ଟଙ୍କ ପବିତ୍ରତାର ବାସ୍ତବ ପ୍ରତି କମ୍ପିବାକୁ ଲାଗିଥିଲେ ।

ସେହି ସମୟରେ ବ୍ୟବସ୍ଥା ସମ୍ବନ୍ଧରେ ଆମର ପ୍ରଚାର ଅତି ଆବଶ୍ୟକ ଥିଲା । ଏହା ପ୍ରତ୍ୟେକ ଲୁକ୍‌କାୟିତ, ଗୁପ୍ତ ବିଷୟକୁ ପ୍ରକାଶ କରୁଥିବା ଈଶ୍ୱରଙ୍କର ଦର୍ପଣ ଅଟେ । ପୁଣି ଏହା ଆମ ମଣ୍ଡଳୀର ଲୋକମାନଙ୍କୁ ପାପର ବାହୁଲ୍ୟ ବିଷୟରେ ସଚେତନ କରିଥିଲା । କେତେକ ଲୋକ ପଳାୟନ କରିଥିଲେ, ମାତ୍ର ବାସ୍ତବ ଅନୁତାପର ସହିତ ଆଗକୁ ଆସିଥିଲେ । ଏମାନଙ୍କ ମଧ୍ୟରେ ଥିଲେ ଏକ ଉଦୀୟମାନ ଅଭିନେତା ଡେଭିଡ୍ ଡାଭିସ୍ । ସେ ପ୍ରକୃତ ଅନୁତାପରେ ସବୁକିଛି ଯୀଶୁଙ୍କ ନିକଟରେ ସମର୍ପଣ କରିଥିଲେ । ଆଉ ଆଜି, ସେ ଓ ତାଙ୍କର ପତ୍ନୀ ଇସ୍ରାଏଲରେ ଏପରି ଗୋଟିଏ ମଣ୍ଡଳୀର ନେତୃତ୍ୱ ନେଉଛନ୍ତି ଯେଉଁଠାରେ ସେମାନେ ପ୍ରାୟ ଦଶ ବର୍ଷ ଧରି ଖ୍ରୀଷ୍ଟଙ୍କୁ ପ୍ରଚାର କରୁଛନ୍ତି ।

ପ୍ରକୃତ ଅନୁତାପର କାର୍ଯ୍ୟ ଆମ ମଣ୍ଡଳୀରେ ଏହାର ଉଦ୍ଦେଶ୍ୟ ସାଧନ କରୁଥିବା ସମୟରେ ପବିତ୍ର ଆତ୍ମା ଅନୁଗ୍ରହର ଗୌରବ ପ୍ରଚାର କରିବା ପାଇଁ ଆମକୁ ଚାଳନା ଦେଇଥିଲେ । ଆମେ ନୂତନ ନିୟମରୁ ପାପ ଉପରେ ପବିତ୍ର ଆତ୍ମାଙ୍କ ଠାରୁ ପ୍ରାପ୍ତ ଶକ୍ତି ବିଷୟରେ, ବିଶ୍ୱାସ ଦ୍ୱାରା ଆଚରଣ ବିଷୟରେ ଶିକ୍ଷା ଦେଇଥିଲୁ । ସଂକ୍ଷେପରେ, ଆମେ ସାଧୁମାନଙ୍କୁ ନିର୍ମାଣ କରିବା ଆରମ୍ଭ କରିଥିଲୁ । ସେହି ସମଗ୍ର ଅନୁଭୂତି ମାଧ୍ୟମରେ, ଆମେ କେବଳ ବ୍ୟବସ୍ଥା ପ୍ରଚାର କରିବାର ଓ ମୁଖ୍ୟତଃ, ପାପ ଉପରେ ଅଧିକ ଗୁରୁତ୍ୱ ଦେବାର ବିପଦ ମଧ୍ୟ ଆବିଷ୍କାର କରିଥିଲୁ । ଯଦି ଲୋକମାନଙ୍କୁ କେବଳ ଏହି ବାର୍ତ୍ତା ସମ୍ବନ୍ଧୀୟ ଆହାର ଦିଆଯାଏ, ତେବେ ସେମାନେ ଆଶା ହରାଇବା ଆରମ୍ଭ କରନ୍ତି ଓ ବିଷାଦରେ ଚିନ୍ତା କରନ୍ତି, ''ମୁଁ ଆଦୌ ତାହା କରିପାରିବି ନାହିଁ ।'' ସେମାନେ ଆଶା ନିମନ୍ତେ କ୍ରୁଶ ପ୍ରତି ଦୃଷ୍ଟିପାତ ନ କରି ସର୍ବଦା ନିଜ ଭିତରକୁ ଦେଖନ୍ତି ।

ମାତ୍ର ଯେତେବେଳେ ଗୋଟିଏ ମଣ୍ଡଳୀ ପ୍ରଭୁଙ୍କର ଥାଏ, ସେତେବେଳେ ଏହା ଆବଶ୍ୟକ ସ୍ଥଳେ ବ୍ୟବସ୍ଥା ସମ୍ବନ୍ଧୀୟ ବାର୍ତ୍ତା ଆଣିବା ପାଇଁ ଈଶ୍ୱରଙ୍କ ଆତ୍ମା ଉପରେ ବିଶ୍ୱାସ କରିପାରେ । ଯଦି ଯୀଶୁ ତାଙ୍କର ଲୋକମାନଙ୍କୁ ଏକ ''ସହଜ ବିଶ୍ୱାସବାଦ'' ମଧ୍ୟରେ ରହିଥିବାର ଦେଖନ୍ତି, ସେତେବେଳେ ସେ ପୁଣିଥରେ ସେମାନଙ୍କ ଉପରେ ବ୍ୟବସ୍ଥା ରୂପକ ପ୍ରହାର କରନ୍ତି, ମାତ୍ର ତାହା ମଧ୍ୟ ସେ ଦୟା ଓ ଅନୁଗ୍ରହର ସହିତ କରନ୍ତି । ଆପଣ ଦେଖନ୍ତୁ, ଅନୁତାପ ଗୋଟିଏ ଏକକାଳୀନ ଅନୁଭୂତି ନୁହେଁ । ଏହା ଗୋଟିଏ ଝଡ଼ ପରି ଆସି ଚାଲିଯାଏ ନାହିଁ । କିମ୍ବା ଆମେ କେବଳ ସମସ୍ୟା ସମୟରେ ଅନୁତାପର ଅନୁଭୂତି ପାଉ ଓ ଏହା ପରେ ଆମର ଅବଶିଷ୍ଟ ଜୀବନ ପର୍ଯ୍ୟନ୍ତ ଏ ବିଷୟରେ କହୁ ନାହୁଁ । ପାପ ପାଇଁ କୌଣସି ଦୁଃଖ ନ କରିବା ଆମ ଜୀବନର ଶିକ୍ଷକ ହେବା ଅନୁଚିତ ।

ସ୍ପର୍ଜିଅନ୍ ଏହି ସାକ୍ଷ୍ୟ ଦେଇଥିଲେ, ''ମୁଁ ସ୍ୱାଧୀନ ଭାବରେ ଏହା ସ୍ୱୀକାର କରୁଛି ଯେ ୩୦ ବର୍ଷ ପୂର୍ବେ

ଯେତେବେଳେ ମୁଁ ତ୍ରାଣକର୍ତ୍ତାଙ୍କ ନିକଟକୁ ଆସିଲି ସେତେବେଳେ ଅପେକ୍ଷା ଆଜି ମୋ' ନିକଟରେ ପାପ ପାଇଁ ଅଧିକ ଦୁଃଖ ରହିଛି । ମୁଁ ବର୍ତ୍ତମାନ ସେଦିନ ଅପେକ୍ଷା ପାପକୁ ଅଧିକ ଘୃଣା କରୁଛି । ସେତେବେଳେ ଯାହାକୁ ମୁଁ ପାପ ବୋଲି ଜାଣି ନ ଥିଲି, ଆଜି ତାହା ପାପ ବୋଲି ମୁଁ ଜାଣୁଛି । ଯେତେବେଳେ ମୁଁ ଖ୍ରୀଷ୍ଟଙ୍କ ନିକଟକୁ ଆସିଲି, ସେତେବେଳେ ଅପେକ୍ଷା ବର୍ତ୍ତମାନ ମୋ' ନିକଟରେ ମୋ' ନିଜ ହୃଦୟର କଲୁଷତା ସମ୍ବନ୍ଧୀୟ ସଚେତନତା ଅଧିକ ରହିଛି । ପାପ ପାଇଁ ଦୁଃଖ ଏକ ନିରବଚ୍ଛିନ୍ନ ବୃଷ୍ଟିପାତ, ଏକ ମଧୁର, କୋମଳ ଦୃଷ୍ଟିପାତ ଯାହା ପ୍ରକୃତରେ ପରିତ୍ରାଣ ପ୍ରାପ୍ତ ଲୋକମାନଙ୍କ ପାଇଁ ତା'ର ସମଗ୍ର ଜୀବନ ପର୍ଯ୍ୟନ୍ତ ସ୍ଥାୟୀ ରହେ । ସେ ପାପ କରିଛି ବୋଲି ସର୍ବଦା ଦୁଃଖିତ ଥାଏ । ତା'ର ସମସ୍ତ ପାପ ଚାଲି ନ ଯିବା ପର୍ଯ୍ୟନ୍ତ ସେ ଦୁଃଖ କରିବା ଛାଡ଼ି ଦିଏ ନାହିଁ ।''

## ଯୀଶୁ ଏଫିସୀୟ ମଣ୍ଡଳୀକୁ ଯାହା କହିଥିଲେ ତାହା ମୋତେ କମ୍ପିତ କରେ ।

ଯୋହନ ପ୍ରକାଶିତ ବାକ୍ୟ ୨ ଅଧ୍ୟାୟରେ ସାତଟି ମଣ୍ଡଳୀ ବିଷୟରେ ଉଲ୍ଲେଖ କରିଛନ୍ତି । ସେଗୁଡ଼ିକ ମଧ୍ୟରୁ, ଯୀଶୁ ଏଫିସ ମଣ୍ଡଳୀକୁ ଉଚ୍ଚ ପ୍ରଶଂସା କରିଥିଲେ । ମୋ' ମଣ୍ଡଳୀ ଏଫିସ ମଣ୍ଡଳୀ ଭଳି ହେଉ ବୋଲି ମୁଁ ଇଚ୍ଛା କରେ । ସେହି ବିଶ୍ୱାସୀ ମଣ୍ଡଳୀ ପୃଥିବୀର ସର୍ବାଧିକ ଲୋକବହୁଳ ନଗର ମଧ୍ୟରେ କାର୍ଯ୍ୟ କରିଥିଲା, ମାତ୍ର ଦୁଷ୍ଟତାରୂପକ ନୀଚତା ମଧ୍ୟରେ ମୂର୍ଚ୍ଛିତ ହୋଇ ନ ଥିଲା । ଲୋକମାନେ ଉତ୍ସର୍ଗୀକୃତ ଜୀବନ କାଟୁଥିଲେ, ପାପକୁ ଘୃଣା କରୁଥିଲେ ଓ ମିଥ୍ୟା ମତବାଦ ଗ୍ରହଣ କରୁ ନ ଥିଲେ । ସେମାନେ ବିଶ୍ୱାସରେ ଦୃଢ଼ ଥିଲେ ଓ ଶୟତାନ ଯେତେ ପ୍ରଲୋଭନ ଆଣିଲେ ସୁଦ୍ଧା ସେମାନେ ଈଶ୍ୱରଙ୍କୁ ସେମାନଙ୍କର ସମସ୍ତ ହୃଦୟର ସହିତ ପ୍ରେମ କରୁଥିଲେ ।

ତଥାପି ସେହି ଲୋକମାନଙ୍କଠାରେ କିଛି ଅଭାବ ଥିଲା ବୋଲି ଖ୍ରୀଷ୍ଟ ଜାଣିଥିଲେ । ଏହି ମଣ୍ଡଳୀ ଜାତିସମୂହ ନିକଟରେ ଏକ ଉଜ୍ଜ୍ୱଳ ପ୍ରଦୀପ ସଦୃଶ ଥିବାରୁ ସେ ଏହାକୁ ଅତ୍ୟନ୍ତ ପ୍ରେମ କରୁଥିଲେ । ସେ କେବଳ ବସି ରହି ଏହାକୁ ମୃତ୍ୟୁବରଣ କରିବା ପାଇଁ ଅନୁମତି ଦେଇ ନ ଥିଲେ । ସେଥିପାଇଁ ସେ ଏଫିସୀୟମାନଙ୍କୁ କହିଥିଲେ, ''ତଥାପି ତୁମ୍ଭ ବିରୁଦ୍ଧରେ ଆମ୍ଭର ଏହି କଥା ଅଛି, ତୁମ୍ଭେ ଆପଣା ଆଦ୍ୟ ପ୍ରେମ ପରିତ୍ୟାଗ କରିଅଛ'' (ପ୍ରକାଶିତ ୨:୪) । ଯୀଶୁ କହୁଥିଲେ, ''ତୁମ୍ଭର ଅଗ୍ନି ନିର୍ବାପିତ ହୋଇଅଛି । ଦିନେ ମୋ' ନିମନ୍ତେ ଥିବା ତୁମ୍ଭର ଯେଉଁ ପ୍ରେମ ତୁମ୍ଭକୁ ବିଶ୍ୱସ୍ତ କରିଥିଲା, ବର୍ତ୍ତମାନ ତାହା ଦୂର ହୋଇଯାଇଛି । ଦିନେ ତୁମ୍ଭେ ବିନାଶପ୍ରାପ୍ତ ଲୋକମାନଙ୍କ ପାଇଁ ମୋର ବୋଝ ବହନ କରିଥିଲ – ମାତ୍ର ବର୍ତ୍ତମାନ ତୁମ୍ଭେ କେବଳ ବସି ରହି ଶିକ୍ଷା ଶୁଣିବାରେ ସନ୍ତୋଷ ପାଉଛ । ତୁମ୍ଭେ ତୁମ୍ଭର ବ୍ୟକ୍ତିଗତ ଚିନ୍ତାରେ ସଂପୂର୍ଣ୍ଣ ଭାବରେ ବୁଡ଼ି ଯାଇଛ ଓ ମୋତେ ଅବଜ୍ଞା କରୁଅଛ । ଦିନେ ତୁମ୍ଭେ ଯେଉଁ ସ୍ଥାନରେ ଠିଆ ହୋଇଥିଲ, ସେଠାରୁ ବର୍ତ୍ତମାନ ପତିତ ହୋଇଅଛ ।''

ଏହାପରେ ଯୀଶୁ ସେମାନଙ୍କୁ କହିଛନ୍ତି, ''ଏଣୁ କେଉଁଠାରୁ ତୁମ୍ଭର ପତନ ହୋଇଅଛି, ତାହା ସ୍ମରଣ କରି ମନଃ ପରିବର୍ତ୍ତନ କର...'' (୫ ପଦ) । ସେ କହୁଛନ୍ତି, ''ପଶ୍ଚାଦ୍ ବିଷୟ ଚିନ୍ତା କର ! ତୁମ୍ଭେମାନେ ମୋ' ଗୃହକୁ ଆସିବା ପାଇଁ, ମୋ' ସାଧୁମାନଙ୍କ ସହିତ ରହିବା ପାଇଁ, ମୋର ବୋଝ ବହିବା ପାଇଁ ବ୍ୟାକୁଳ ହେଉଥିଲ । ମାତ୍ର ବର୍ତ୍ତମାନ ରବିବାର ସକାଳେ ଗୋଟିଏ ଘଣ୍ଟା ତୁମ୍ଭମାନଙ୍କ ପାଇଁ ଯଥେଷ୍ଟ ! ସେଥିପାଇଁ, ପ୍ରିୟ ଖ୍ରୀଷ୍ଟିଆନମାନେ, ତୁମ୍ଭେମାନେ ଏପର୍ଯ୍ୟନ୍ତ ଯୀଶୁଙ୍କ ପାଇଁ ଉଦ୍ଦୀପ୍ତ ଅଟ କି ? ତୁମ୍ଭେମାନେ ପ୍ରଥମେ ପରିତ୍ରାଣ ପାଇବା ସମୟରେ ଯେପରି ଆବେଗପୂର୍ଣ୍ଣ ଭାବରେ ତାଙ୍କୁ ପ୍ରେମ କରୁଥିଲ, ବର୍ତ୍ତମାନ ସେହିପରି ପ୍ରେମ କରୁଛ କି ? କିମ୍ୱା ସମସ୍ତ ସେବାକାର୍ଯ୍ୟ ପରିତ୍ୟାଗ କରି ତାଙ୍କ ନିମନ୍ତେ ନିଜ ନିଜର ସମସ୍ତ ଆଗ୍ରହ ହରାଇ ଦେଇଛ ? ତୁମ୍ଭମାନଙ୍କ ଜୀବନରେ ଅନ୍ୟ କିଛି ବିଷୟ ଅଗ୍ରାଧିକାର ନେଇଅଛି କି ? ଯଦି ସେପରି ଘଟିଛି, ତେବେ ତୁମ୍ଭମାନଙ୍କ ବିରୁଦ୍ଧରେ ମୋର କିଛି କହିବାର ଅଛି । ତୁମ୍ଭେମାନେ ତୁମ୍ଭମାନଙ୍କର ଆଦ୍ୟ ପ୍ରେମ ପରିତ୍ୟାଗ କରିଅଛ !''

ଯୀଶୁ ଏହି ପରିସ୍ଥିତିରେ କ'ଣ କହୁଛନ୍ତି, ତାହା ଲକ୍ଷ୍ୟ କରନ୍ତୁ, ''... ମନଃ ପରିବର୍ତ୍ତନ କର ଓ ଆଦ୍ୟ କର୍ମ ସବୁ କର...'' (ସମାନ ପଦ) । ସେ କହୁଛନ୍ତି, ''ତୁମ୍ଭମାନଙ୍କର କ୍ରମବର୍ଦ୍ଧିଷ୍ଣୁ ସମ୍ବେଦନହୀନତା ଯୋଗୁ ଶୋକ ପ୍ରକାଶ କରେ । ନିଜ ନିଜକୁ ଭଗ୍ନ କର – ଏହାକୁ ଗମ୍ଭୀରତାର ସହିତ ଗ୍ରହଣ କର । ଏହାପରେ ତୁମ୍ଭମାନଙ୍କ ଦୁଃଖ ତୁମ୍ଭମାନଙ୍କୁ ସେହି ସ୍ଥାନ ନିକଟକୁ କଢ଼ାଇ ନେଉ, ଯେଉଁଠାରେ ତୁମ୍ଭେମାନେ ମୋତେ ପ୍ରଥମେ ପ୍ରେମ କରୁଥିଲ ।'' ଏହାପରେ ଖ୍ରୀଷ୍ଟ ଆମକୁ ଏପରି ବାକ୍ୟ କହିଛନ୍ତି ଯାହା ପ୍ରତି ମନୋଯୋଗୀ ହେବା ଆମର ଉଚିତ୍ । ସେ କହିଛନ୍ତି, ''... ନୋହିଲେ ... ଆମ୍ଭେ ତୁମ୍ଭ ନିକଟକୁ ଆସି ତୁମ୍ଭର ପ୍ରଦୀପ ସ୍ୱସ୍ଥାନରୁ ଘୁଞ୍ଚାଇ ଦେବୁ ...'' (ସମାନ ପଦ) । ଏହିପରି ଭାବରେ, ସେ ସଙ୍ଗେ ସଙ୍ଗେ ପରିଣତି ଘୋଷଣା କରିଛନ୍ତି ।

ଯୀଶୁ ଏଠାରେ କହୁଛନ୍ତି ଯେ ଆମେ ଅନୁତାପ ନ କଲେ ସେ ଆମଠାରୁ ସମସ୍ତ ଆତ୍ମିକ ଅଧିକାର ଦୂର କରି ଦେବେ ଯେଉଁଗୁଡ଼ିକୁ ଆମେ ପାଇଅଛୁ । ଏହା ମଧ୍ୟରେ ଆମର ସହର ଉପରେ, ଆମର ସମାଜ ଉପରେ ଆମ ଅଞ୍ଚଳ ଉପରେ ଓ ଆମ ଅଧୀନସ୍ଥ ଲୋକମାନଙ୍କ ଉପରେ ଥିବାର ଆମର ପ୍ରଭାବ ଅନ୍ତର୍ଭୁକ୍ତ ଅଟେ । ପ୍ରତ୍ୟେକଟି ପ୍ରଭାବକୁ ଆମଠାରୁ କାଢ଼ି ନିଆଯିବ, ଯଦି ଆମେ ''ମନ ପରିବର୍ତ୍ତନ କରିବୁ ନାହିଁ'' ବୋଲି ସେ କହିଛନ୍ତି । ବର୍ତ୍ତମାନ ସମଗ୍ର ପୃଥିବୀରେ ମଣ୍ଡଳୀଗୁଡ଼ିକ ସେମାନଙ୍କର ଦ୍ୱାର ବନ୍ଦ କରୁଛନ୍ତି । ପ୍ରକୃତରେ ସେମାନଙ୍କର ଆଲୋକ ଲିଭି ଯାଇଛି କାରଣ ମନ ପରିବର୍ତ୍ତନ ନ କରିବାରୁ ସେମାନଙ୍କ ଉପରେ ସେହି ଦଣ୍ଡ ବର୍ତ୍ତିଅଛି । ଈଶ୍ୱର କହିଥିଲେ ଯେ ସେମାନେ ସେମାନଙ୍କର ପରିଚୟ, ସେମାନଙ୍କର ଆତ୍ମିକ ଆଶୀର୍ବାଦ, ସେମାନଙ୍କର ଅର୍ଥ ଓ ତାଙ୍କର ଉପସ୍ଥିତିକୁ ହରାଇ ଦେବେ । ବର୍ତ୍ତମାନ ସେମାନେ ମୃତ, ନିର୍ଜୀବ ଅଟନ୍ତି ଓ ସେମାନଙ୍କ ନିକଟରେ କେବଳ ତାଙ୍କ ଦ୍ୱାରା ପ୍ରଦତ୍ତ ଅତୀତର ଆଶୀର୍ବାଦଗୁଡ଼ିକର ସ୍ମୃତି ଅଛି ।

ମୁଁ ତିରିଶ ବର୍ଷ ପୂର୍ବେ ଏହିପରି ଅନେକ ମଣ୍ଡଳୀରେ ପ୍ରଚାର କରିଥିଲି । ସେହି ସମୟରେ, ସେଗୁଡ଼ିକରେ ଉଦ୍‌ଯୋଗୀ ବିଶ୍ୱାସୀମାନେ ଭରି ରହିଥିଷଲ । ଆଜି ସେଗୁଡ଼ିକରେ ଅଳ୍ପ କେତେକ ଲୋକ ଯୋଗ ଦେଉଛନ୍ତି । ଅତିଶୀଘ୍ର ସେଗୁଡ଼ିକ ସଦସ୍ୟ ଶୂନ୍ୟ ହୋଇଯିବ ଓ ସେଗୁଡ଼ିକର ଦ୍ୱାର ସବୁ ବନ୍ଦ ହୋଇଯିବ । ଈଶ୍ୱର ସେଗୁଡ଼ିକର ଦ୍ୱାର ଉପରେ ''ଇକାବଦ୍'' (Ichabod) ଲେଖିଛନ୍ତି ଯାହାର ଅର୍ଥ, ''ସଦାପ୍ରଭୁଙ୍କର ଆତ୍ମା ପ୍ରସ୍ଥାନ କରିଛନ୍ତି ।'' ତଥାପି, ପ୍ରିୟ ବନ୍ଧୁଗଣ, ଈଶ୍ୱର ପ୍ରତ୍ୟେକ ଖ୍ରୀଷ୍ଟିଆନକୁ ବ୍ୟକ୍ତିଗତ ଭାବରେ ଏହି ସମାନ ବାର୍ତ୍ତା ଦିଅନ୍ତି । ସେ କହନ୍ତି, ''ଯଦି ତୁମ୍ଭେ ମନ ପରିବର୍ତ୍ତନ କରିବ ନାହିଁ ଯଦି ତୁମ୍ଭେ ସମ୍ବେଦନହୀନ ହୋଇ ରହିବ – ତେବେ ଆମ୍ଭେ ତୁମ୍ଭର ପ୍ରଦୀପକୁ ସ୍ୱସ୍ଥାନରୁ ଘୁଞ୍ଚାଇ ଦେବୁ । ତୁମ୍ଭର ଆଉ ତୁମ୍ଭର ପରିବାର ଉପରେ, ତୁମ୍ଭର ସହକର୍ମୀମାନଙ୍କ ଉପରେ କୌଣସି ପ୍ରଭାବ ରହିବ ନାହିଁ ।'' ଠିକ୍ ଏହା ହିଁ ଏଫିସୀୟ ମଣ୍ଡଳୀ ପ୍ରତି ଘଟିଥିଲା, ଈଶ୍ୱର ସେହି ମଣ୍ଡଳୀର ମନଃ ପରିବର୍ତ୍ତନ ନିମନ୍ତେ ପ୍ରାୟ ୧୦୦୦ ବର୍ଷ ଧରି ଧୈର୍ଯ୍ୟର ସହିତ ଅପେକ୍ଷା କରିଥିଲେ । ମାତ୍ର ଶେଷରେ ଏପରି ସମୟ ଆସିଥିଲା ଯେତେବେଳେ ସେମାନଙ୍କର ସ୍ଖଳନକୁ ସେ ଆଉ ସହ୍ୟ କରିପାରି ନ ଥିଲେ ।



# ଗର୍ତ୍ତରୁ ରାଜପ୍ରାସାଦ (PIT TO PALACE)

## (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

**"ଅନନ୍ତର ଇସ୍‌ହାକ୍ ସେହି ଦେଶରେ କୃଷି କର୍ମ କରି ସେହି ବର୍ଷ ଶହେ ଗୁଣ ଲାଭ କଲେ, ପୁଣି ସଦାପ୍ରଭୁ ତାଙ୍କୁ ଆଶୀର୍ବାଦ କଲେ" (ଆଦି ୨୬:୧୨) ।**

୧୯୭୯ରୁ, ଈଶ୍ୱର "ଆହ୍ୱାନର ପ୍ରତିଧ୍ୱନି" ମାଧ୍ୟମରେ ପତ୍ରିକା ସେବାକାର୍ଯ୍ୟ ଓ ମଣ୍ଡଳୀ ସ୍ଥାପନ କାର୍ଯ୍ୟରେ ଆମକୁ ବ୍ୟବହାର କରି ଆସୁଛନ୍ତି । ଆମେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର ପ୍ରଚାର କରିବା ପାଇଁ ବହୁସଂଖ୍ୟକ ନେତା ମଧ୍ୟ ସୃଷ୍ଟି କରିଥିଲୁ ।

୧୯୮୦ରେ, ବାଇବଲ କୋର ନାମକ ଏକ ବାଇବଲ କରେସ୍‌ପଣ୍ଡେସ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ପ୍ରଭୁ ଆମକୁ ସାମର୍ଥ୍ୟ ଦେଇଥିଲେ । ଆମେ ଇଂରାଜୀ, ତାମିଲ ଓ ହିନ୍ଦୀରେ ଏହି ପାଠ୍ୟକ୍ରମ ଚଳାଉଥିବା ସମୟରେ ସମଗ୍ର ଭାରତରୁ ଅଣ-ଖ୍ରୀଷ୍ଟିଆନଙ୍କଠାରୁ ଗୋଟିଏ ବଡ଼ ପ୍ରତିକ୍ରିୟା ପାଇଥିଲୁ । ଆମକୁ ପ୍ରତିଦିନ ବହୁ ପରିମାଣର ପାଠ୍ୟ ପୁସ୍ତକ ଛାତ୍ରମାନଙ୍କ ନିକଟକୁ ପ୍ରେରଣ କରିବାକୁ ପଡୁଥିଲା । ସେଥିପାଇଁ ଆମେ ପ୍ରଭୁମୁଙ୍କଠାରେ ବିଶ୍ୱାସ କରି ପ୍ରାୟ ୩୦,୦୦୦ ପାଠ୍ୟପୁସ୍ତକ ଛପାଇବା ପାଇଁ ଅର୍ଡର ଦେଇଥିଲୁ । ସେହି ଅନୁସାରେ, ଦିନେ ଗୋଟିଏ ସୁନ୍ଦର ପ୍ରଭାତ ସମୟରେ, ପୁସ୍ତକଗୁଡ଼ିକ ମୁଦ୍ରିତ ହୋଇ ଆମକୁ ହସ୍ତାନ୍ତର କରାଯାଇଥିଲା ।

ମାତ୍ର ଆମ କାର୍ଯ୍ୟାଳୟ ଗୃହର ମାଲିକ ଆମ କାର୍ଯ୍ୟାଳୟରେ ଏହି ପୁସ୍ତକଗୁଡ଼ିକୁ ରଖିବା ପାଇଁ ଆମକୁ ଅନୁମତି ଦେଇ ନ ଥିଲେ କାରଣ ସେ ଖ୍ରୀଷ୍ଟୀୟ କାର୍ଯ୍ୟର ସଂପ୍ରସାରଣରେ ଖୁସି ନ ଥିଲେ । ଆମେ ବିଭିନ୍ନ ଉପାୟରେ ଏହି ବହିସବୁ ଗଚ୍ଛିତ କରି ରଖିବା ପାଇଁ ଭଡ଼ା ଘର ପାଇବାକୁ ଚେଷ୍ଟା କଲୁ । ମାତ୍ର ଆମର ସମସ୍ତ ଚେଷ୍ଟା ବିଫଳ ହେଲା । ଆମ ପାଇଁ ଗୋଟିଏ ମାର୍ଗ ଉନ୍ମୁକ୍ତ କରିବା ନିମନ୍ତେ ଆମେ ପ୍ରାର୍ଥନା କରୁଥିଲୁ ।

ଆକସ୍ମିକ ଭାବରେ, ପ୍ରଭୁ ମାଡ୍ରାସର ଶ୍ରୀଯୁକ୍ତ ରାମଲିଙ୍ଗମ୍ ଓ ତାଙ୍କ ସ୍ତ୍ରୀଙ୍କ ସହିତ ଆମର ଯୋଗାଯୋଗ ସ୍ଥାପନ କଲେ । ସେହି ପୁସ୍ତକଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଆମର ଗୋଟିଏ ସ୍ଥାନ ଆବଶ୍ୟକ ବୋଲି ଆମେ ତାଙ୍କୁ ଜଣାଇଲୁ । ଈଶ୍ୱର ସେମାନଙ୍କୁ କଥା କହିଥିଲେ ଓ ସେମାନେ ସେମାନଙ୍କ ଗୃହରେ ସେଗୁଡ଼ିକୁ ରଖିବା ପାଇଁ ଆମକୁ ଖୁସିରେ ଅନୁମତି ଦେଇଥିଲେ । ଆମେ ଆବଶ୍ୟକ ସମୟରେ ସେମାନଙ୍କ ଗୃହକୁ ଯାଇ ପୁସ୍ତକ ସବୁ ଆଣୁଥିଲୁ । ଈଶ୍ୱର ବାସ୍ତବରେ ଏକ ବିଶେଷ ମାର୍ଗରେ ତାଙ୍କ ପରିବାରକୁ ଆଶୀର୍ବାଦ କରିଥିଲେ ।

ବର୍ତ୍ତମାନ ସେହି ପ୍ରଭୁ ଆମର ବିଦ୍ୟାଳୟ ଓ ବାଇବଲ କଲେଜ ପାଇଁ ଆମର ନିଜର ଗୃହ ଯୋଗାଇବା ସଙ୍ଗେ ସଙ୍ଗେ ବହୁସଂଖ୍ୟକ ପୁସ୍ତକ ରଖିବା ପାଇଁ ପ୍ରଚୁର ସ୍ଥାନ ମଧ୍ୟ ଯୋଗାଇ ଦେଇଛନ୍ତି । ଈଶ୍ୱର ଆମକୁ ଗୋଟିଏ ଛାପା କଳ ମଧ୍ୟ ଯୋଗାଇ ଦେଇଛନ୍ତି ଯାହା ମାଧ୍ୟମରେ ଆମେ ବିଭିନ୍ନ ଭାଷାରେ ହଜାର ହଜାର ପୁସ୍ତକ ଛାପିପାରୁଛୁ, ସେଗୁଡ଼ିକୁ ଗଚ୍ଛିତ ରଖିପାରୁଛୁ ଓ ଦେଶର ବିଭିନ୍ନ ଅଞ୍ଚଳକୁ ପ୍ରେରଣ କରିପାରୁଛୁ । ଏହିପରି ଭାବରେ, ପ୍ରଭୁ ଆମର ଅଶ୍ରୁ ଦେଖି ଆମ ପ୍ରାର୍ଥନାର ଉତ୍ତର ଦେଇଛନ୍ତି ।

ପ୍ରିୟ ପାଠକ, ପ୍ରଭୁ ଯୀଶୁ ଏପର୍ଯ୍ୟନ୍ତ ଜୀବିତ ଅଛନ୍ତି । ସେ ଆପଣଙ୍କ ଜୀବନରେ ମଧ୍ୟ ଆଶ୍ଚର୍ଯ୍ୟ କର୍ମ ସାଧନ କରିପାରନ୍ତି । ଯଦି ଆପଣ ଆପଣଙ୍କ ଜୀବନରେ ମହାକ୍ଳେଶ ମଧ୍ୟ ଦେଇ ଗତି କରୁଛନ୍ତି, ତେବେ ନିରାଶ ହୁଅନ୍ତୁ ନାହିଁ । ଗୋଟିଏ ଆଶ୍ଚର୍ଯ୍ୟ କର୍ମ ପାଇଁ ତାଙ୍କଠାରେ ବିଶ୍ୱାସ କରନ୍ତୁ । ଆପଣ ସଫଳ ହେବେ । ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

***

*(୮ମ ପୃଷ୍ଠାର ଅବଶିଷ୍ଟାଂଶ)*

ଐତିହାସିକ ଗିବ୍‌ବନ୍ ଲେଖିଛନ୍ତି, "ଏଫିସର ପ୍ରଥମ ପ୍ରଦୀପ ଲିଭି ଯାଇଥିଲା । ଇୟୋନିଆ ଓ ଲୁଦିୟାର ବର୍ବର ନେତାମାନେ ଖ୍ରୀଷ୍ଟ ଧର୍ମର ଅବଶିଷ୍ଟାଂଶକୁ ପଦଦଳିତ କରିଥିଲେ । କେବଳ ଫିଲାଡେଲଫିଆର ମଣ୍ଡଳୀ ସିଧା ହୋଇ ଠିଆ ହୋଇଥିଲା ।" ମାତ୍ର ଏହି ବାକ୍ୟଗୁଡ଼ିକୁ ପାଠ କରୁଥିବା ସମୟରେ, ଆମେ ଭୟ କରିବା ଅନୁଚିତ କାରଣ ଯୀଶୁ ଶେଷରେ ଆମକୁ ଉତ୍ସାହିତ କରି କହିଛନ୍ତି, "... ଯେ ଜୟ କରେ, ତାହାକୁ ଆମେ ଈଶ୍ୱରଙ୍କ ପାରଦୀଶରେ ଥିବା ଜୀବନ ବୃକ୍ଷର ଫଳ ଖାଇବାକୁ ଦେବୁ" (ପ୍ରକାଶିତ ୨:୭) ।

ପ୍ରିୟ ସାଧୁଗଣ, ଯୀଶୁ ସେହି ବୃକ୍ଷ ଅଟନ୍ତି । ସେ ଆମକୁ କହୁଛନ୍ତି, "ଯଦି ତୁମ୍ଭେମାନେ ଅନୁତାପ କରିବ, ତେବେ ମୁଁ ତୁମ୍ଭମାନଙ୍କୁ ମୋ' ନିଜମର ସତ୍ତାରୁ ଅନନ୍ତ ଜୀବନ ପ୍ରଦାନ କରିବି । ପୁଣି ତୁମ୍ଭେମାନେ ଯେ ପର୍ଯ୍ୟନ୍ତ ମୋତେ ପ୍ରେମ କରୁଥିବ, ସେ ପର୍ଯ୍ୟନ୍ତ ମୁଁ ତୁମ୍ଭମାନଙ୍କଠାରେ ଏକ ଅଲୌକିକ ଜୀବନର ସ୍ରୋତ ଯୋଗାଇ ଦେବି । ଏହି ଜୀବନ ତୁମ୍ଭମାନଙ୍କର ଜ୍ଞାନରେ ଓ ମୋ' ରାଜ୍ୟ ନିମନ୍ତେ ତୁମ୍ଭମାନଙ୍କର ଉତ୍ତମ କର୍ମରେ ପ୍ରକାଶିତ ହେବ ।" ଏହି ଗୁଣ ହିଁ ଯୀଶୁଙ୍କୁ ପ୍ରକୃତରେ ପ୍ରେମ କରୁଥିବା ପ୍ରତ୍ୟେକ ଖ୍ରୀଷ୍ଟିୟାନକୁ ଅନ୍ୟଠାରୁ ଭିନ୍ନ କରିଦିଏ । ଏହିପରି ଏକ ବିଶ୍ୱାସୀ ଜୀବନରେ ପରିପୂର୍ଣ୍ଣ ଅଟେ ଓ ତା' ଚତୁପାର୍ଶ୍ୱସ୍ଥ ସମସ୍ତେ ଏହା ଜାଣନ୍ତି ।

ଯୀଶୁ ପ୍ରତିଜ୍ଞା କରିଛନ୍ତି ଯେ ଆପଣଙ୍କର ଧାର୍ମିକ ଦୁଃଖ, ଆପଣଙ୍କର ଅନୁତପ୍ତ ହୃଦୟ ଓ ତାଙ୍କ ପାଇଁ ଆପଣଙ୍କର ନୂତନୀକୃତ ପ୍ରେମ ଆପଣଙ୍କୁ ଜୀବନ ଦିଗରେ କଢ଼ାଇ ନେବ । ସେଥିପାଇଁ ବର୍ତ୍ତମାନ, ସଙ୍ଗେ ସଙ୍ଗେ ପ୍ରାର୍ଥନା କରନ୍ତୁ, "ପ୍ରଭୋ, ମୋତେ ପ୍ରକୃତରେ ଏକ ଅନୁତପ୍ତ ହୃଦୟ ଦିଅ, ମୋତେ ସେହିଦିନ ନିକଟକୁ ଫେରାଇ ନିଅ ଯେଉଁ ଦିନ ମୁଁ ତୁମକୁ ପ୍ରଥମେ ପ୍ରେମ କରିଥିଲି । ମାତ୍ର, ପିତଃ, ଏହି ଥର ମୋତେ ପୂର୍ବାପେକ୍ଷା ଅଧିକ ଗଭୀରତା ମଧ୍ୟକୁ ନେଇଯାଅ ।" ଆପଣ ଅନୁତାପ କରିବା ସମୟରେ ପବିତ୍ର ଆତ୍ମା ଆପଣଙ୍କଠାରେ ଖ୍ରୀଷ୍ଟଙ୍କର ଗୌରବର ଏକ ନୂତନ ପରିପ୍ରକାଶ ଉତ୍ପନ୍ନ କରିବା ଆରମ୍ଭ କରିବେ । ଆମେନ୍ !

***

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–,**

**ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣମାନଙ୍କର ସାହାଯ୍ୟ (**D.D**, ଚେକ୍, ମନିଅର୍ଡର ଦ୍ୱାରା) ନିମ୍ନଲିଖିତ ଠିକଣାରେ ପ୍ରେରଣ କରିପାରିବେ ।

ଦୟାକରି ଆପଣମାନଙ୍କର ଫୋନ ନମ୍ବରଗୁଡ଼ିକୁ ଓ ଇ–ମେଲ ଠିକଣା ପ୍ରେରଣ କରନ୍ତୁ ।

**ECHO OF HIS CALL**
10, MOHAMMED ABDULLAH 2nd STREET,
CHEPAUK, CHENNAI - 600 005, INDIA

PH: (+91-44) 2852 8282, 2852 9293, 2854 7766,
Cell: (+91) 98410 71852, 95661 31858
E-mails: sam@echoofhiscall.org /
biblecor@yahoo.co.in
Websites: www.echoofhiscall.org


# AN URGENT GOOD NEWS!




Our Residential
**NEHEMIAH BIBLE COLLEGE!!**
re opens *from* 01-06-2021
One Year DIPLOMA COURSE!!!
Hindi & English Medium
@
Velachery, Chennai.

## EVENING BIBLE COLLEGES
(2 Centres - Tamil Medium)

1. NEHEMIAH BIBLE COLLEGE,
ECHO OF HIS CALL, 10, Mohammed Abdullah 2nd Street, Bells Road, Chepauk, Chennai - 600 005, India.
2. ST. PAUL'S COMPLEX,
8/18, Velachery Main Road, Santhoshapuram, Vijayanagaram Bus Stop, Medavakkam, Chennai - 600 100.

CONTACT IMMEDIATELY :
**Rev. ALEX SAMSON SAM, Director**
Cell : 98412 71858 / 98410 71858
E.mail : sam@echoofhiscall.org


The details of our Bank Accounts are given below. Please inform us the details of your remittance.

| Bank | Branch | Name | IFSC Code No. | Account Number |
|---|---|---|---|---|
| 1. STATE BANK OF INDIA | Triplicane, Chennai -5 | S. Sam Selva Raj | SBIN 0000249 | 102329 34679 |
| 2. ICICI BANK | Anna Salai, Chennai -2 | Echo of His Call | ICIC 0006038 | 6038 05022319 |

Regd. with the Registrar of Newspapers for India under No. 70105/98
Licenced to post without pre-payment
Postal Regn. No. TN/CH (C) /198/21-23
Licence No. WPP. No. TN/PMG(CCR)/WPP-265/21-23
Date of Publication: Third week of every month
Date of Posting : 17st & 18nd of every month
Posted at "Egmore RMS / 1 Patrika Channel"
on 18nd MARCH, 2021.
If un-delivered please return to:
ECHO OF HIS CALL (ODIA)
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from 18, Mohammed Abdullah Street, Chepauk, Chennai-600 005 and printed by him at **Echo of His Call Printers** 18, Mohammed Abdullah Street, Chepauk, Chennai-600 005. Editor: **S. Sam Selva Raj.**